

ଓଡ଼ିଶା ବିକାଶର କର୍ଣ୍ଣଧାର ଓ 5T ସଚିବ

ଭି.କେ.ପାଣ୍ଡିଆନ୍

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

Vol.6 | Issue- 03 | June 27 to July 3, 2022, | Jagatsinghpur, | Page-8 | Rs. 5/-

ବର୍ଷ-୬ | ସଂଖ୍ୟା- ୦୩ | ଜୁନ୍ ୨୭ ରୁ ଜୁଲାଇ ୩, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା

# ହାଇସ୍କୁଲ୍ ପିଲାଙ୍କୁ ବି ପଣିକିଆ ଆସିବନାହିଁ !

## ଗଣଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ତୃତୀୟ ଶ୍ରେଣୀରେ ପାଠ ପଢ଼ି ମଧ ପିଲାଏ ୩କ ପଣିକିଆ ଜାଣିନାହାଁନ୍ତି। ପଣକିଆ କହିଲା ବେଳେ ଥଙ୍ଗାଉଛନ୍ତି। ଗଣଶିକ୍ଷା ମନ୍ତ୍ରୀଙ୍କ ବାଲେଶ୍ୱର ମହାବୀର ନୋଡାଲ୍ ୟୁପି ସ୍କୁଲ୍‌କୁ ଅଚାନକ ଗସ୍ତ ବେଳେ ଏହି ଚିତ୍ର ସାମ୍ନାକୁ ଆସିଛି। ଯାହା ପରେ ୧୫ ଦିନରେ ୧୫କ ପଣକିଆ ଶିଖାଇବାକୁ ଗଣଶିକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବର ବିଜୁଳି ବେଗରେ ପ୍ରଚାରପ୍ରସାର ହେବା କ୍ଷଣି ବିଭିନ୍ନ ବର୍ଗଙ୍କ ମୁହଁରେ ରୋଚକ ଖବର ଶୁଣିବାକୁ ମିଳୁଛି। ହାଇସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଓ ଚାକିରୀ କରିଥିବା କିଛି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବି ୨କ ରୁ ୨୫କ ପର୍ଯ୍ୟନ୍ତ ପଣିକିଆ ଆସିବ ନାହିଁ। ଏପରି କି କାଲେ ଗଣଶିକ୍ଷା ମନ୍ତ୍ରୀ ଚାଲିଆସିପାରନ୍ତି ଆମ ସ୍କୁଲ୍‌କୁ ବୋଲି ଭାବି କିଛି ଶିକ୍ଷକ/ଶିକ୍ଷୟିତ୍ରୀ ପଣିକିଆ ଘୋଷିବା ଆରମ୍ଭ କରିଦେଲେଣି ବୋଲି ତାଙ୍କ ସହକର୍ମୀମାନେ କମେଟ୍ ମାରିବା ଆରମ୍ଭ କରିଦେଲେଣି।

ସୂଚନା ଅନୁସାରେ, ପାଠ ପଢ଼ା କେମିତି ଚାଲିଛି ଓ ପିଲାଏ କେତେ ଦକ୍ଷ ହେଲେଣି, ତାକୁ ଜାଣିବା ପାଇଁ ସକାଳୁ



ସକାଳୁ ଗଣଶିକ୍ଷା ମନ୍ତ୍ରୀ ସ୍କୁଲ୍‌ରେ ପହଞ୍ଚି ପିଲାଙ୍କୁ କ୍ଲାସ୍ ରୁମ୍‌ରେ ପଣକିଆ ପଚାରିଥିଲେ। ଚାରି ପାଞ୍ଚ ଜଣ ପିଲାଙ୍କୁ ପଚାରିଥିଲେ ସୁଦ୍ଧା କେହି ସଂପୂର୍ଣ୍ଣ ପଣକିଆ କହିପାରିନଥିଲେ। ଆଉ ଏଥିରେ କ୍ଷୁବ୍ଧ ହୋଇ ମନ୍ତ୍ରୀ ଡିଇଓଙ୍କ ଜରିଆରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୫ଦିନ ଭିତରେ ଉତ୍ତର ରଖିବାକୁ କୁହାଯାଇଛି। ଏହାସହ ୧୫ ଦିନ ଭିତରେ ପିଲାଙ୍କୁ ୧୫କ ପଣକିଆ ମୁଖସ୍ତ କରାଇବା ଲାଗି ଟାସ୍କ ମଧ ଦେଇଛନ୍ତି।

ତେବେ ଗୋଟିଏ ପଟେ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ କର୍ତ୍ତବ୍ୟରେ ଅବହେଳା ପାଇଁ ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ଅନ୍ୟପଟେ ବିନା ହେଲ୍‌ମେଟ୍‌ରେ ସ୍ଥାନୀୟ ବିଧାୟକଙ୍କ ସହ ବାଇକ୍‌ରେ ବୁଲି ଦଣ୍ଡ ଗଣିଛନ୍ତି ବାଲେଶ୍ୱର ଗସ୍ତରେ ଥିବା ଗଣଶିକ୍ଷା ମନ୍ତ୍ରୀ। ଆଜି ସକାଳୁ ଜିଲ୍ଲାର ୫ଟି ସ୍କୁଲ୍‌କୁ ଅଚାନକ ଗସ୍ତରେ ଯାଇଥିଲେ ମାତ୍ର ବିନା ହେଲ୍‌ମେଟ୍‌ରେ ବସି ଯାତ୍ରା କରୁଥିଲେ ଗଣଶିକ୍ଷା ମନ୍ତ୍ରୀ। ଏହାରି ଭିତରେ ଗାଡି ମାଲିକ ପଙ୍କଜ ଅଗ୍ରୱାଲ ମୋବାଇଲ୍‌କୁ ଏକ ହଜାର ଟଙ୍କାର ଫାଇନ ମେସେଜ ଯାଇଥିଲେ। ଏହାପରେ ବିଧାୟକ ସରୂପ ଦାସ ଦଣ୍ଡ ରାଶି ମଧ ପଇଠ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଦୁଇ ଦିନ ତଳେ କେନ୍ଦୁଝର ଗସ୍ତ ବେଳେ ସ୍କୁଲ୍ ବସ୍‌ରେ ଓଭର୍ ଲୋଡିଂ ଲାଗି ସ୍କୁଲ୍‌କୁ ମନ୍ତ୍ରୀ ନୋଟିସ୍ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ନିଜେ କିପରି ମୋଟର ଯାନ ଆଇନ୍ ପାଳନ କରିବାକୁ ଭୁଲିଗଲେ? ତେବେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ପରେ ନବୀନ ୬-ଟି ଫର୍ମୁଲାରେ ଟୁର୍ ଫୋକସ୍ ଦେଇଛନ୍ତି। ଏଥିପାଇଁ ଗଣଶିକ୍ଷା ମନ୍ତ୍ରୀ ଏବେ ୨୮ ତାରିଖ ଯାଏଁ ୪ ଜିଲ୍ଲା ଗସ୍ତରେ ଅଛନ୍ତି। ଅବଶିଷ୍ଟ ଜିଲ୍ଲା ଯଦି ମନ୍ତ୍ରୀ ମହୋଦୟ ବୁଲିପାରନ୍ତେ ତେବେ ରାଜ୍ୟରେ ପ୍ରାଥମିକ ସ୍ତରରେ (ପୃଷ୍ଠା-୨)

# ଶିକ୍ଷାରେ କେନ୍ଦୁଝର ଅଗ୍ରଣୀ ଜିଲ୍ଲା ହେବ- ମନ୍ତ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କେନ୍ଦୁଝର ଜିଲ୍ଲା ପରିଦର୍ଶନରେ ଯାଇ ଡି.ଏନ୍.ହାଇସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଉଥିବା ଜିଲ୍ଲା ପ୍ରଧାନ ଶିକ୍ଷକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି।




ଶିକ୍ଷାକ୍ଷେତ୍ରରେ କେନ୍ଦୁଝର ଜିଲ୍ଲାକୁ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯିବ ବୋଲି ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ୫-ଟି ହାଇସ୍କୁଲ୍‌ଗୁଡିକର ରୂପାନ୍ତରୀକରଣ, ମଧାହ୍ନ ଭୋଜନ, ବୃତ୍ତିଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡିକର କାର୍ଯ୍ୟକ୍ଷମ, ମାଗଣା ପୁସ୍ତକ ଯୋଗାଣ ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେଉଛନ୍ତି। ଏହା ଦ୍ୱାରା ରାଜ୍ୟରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଆଶିଷ ଥାକ୍ରେ ମନ୍ତ୍ରୀ ଶ୍ରୀ ଦାଶଙ୍କୁ ଜିଲ୍ଲାରେ ଶିକ୍ଷା କାର୍ଯ୍ୟକ୍ରମ (ପୃଷ୍ଠା-୨)

# ଜଙ୍କିଆ ଥାନାଧିକାରୀ ବଦଳିଲେ କାହିଁକି ?

## ଖୁସି ମନାଇଲେଣି ଖଣି ମାଫିଆ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଆଇଆଇସି ଦିଗବିଜୟ ବିଶ୍ୱାଳଙ୍କ ବଦଳି ଚର୍ଚ୍ଚାରେ। ନିକଟରେ ତାଙ୍କର ଟାଙ୍ଗୀ ଥାନାକୁ ବଦଳି ହେବା ଖବର ପ୍ରଚାର ହେବା ପରେ ଜଙ୍କିଆରେ ଦେଖିବାକୁ ମିଳିଛି ରୋଚକ ଦୃଶ୍ୟ। ବହୁ ଖଣି ମାଫିଆମାନେ ଶ୍ରୀ ବିଶ୍ୱାଳଙ୍କ ବଦଳିରେ ଖୁସି ମନାଉଥିବାର ଦେଖିବାକୁ ମିଳିଛି। ଏପରିକି ଜଙ୍କିଆ ଥାନା ଅଧିକାରୀଙ୍କୁ ବଦଳି କାହିଁକି ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ କରାଯାଉଛି। ତେବେ ଏହା ପଛରେ ଅନେକ କାରଣ କ'ଣ ବୋଲି କୁହାଯାଉଛି।

ଯେତେବେଳେ ଶ୍ରୀ ବିଶ୍ୱାଳ ନୂତନ ଆଇଆଇସି ଭାବେ ଜଙ୍କିଆ ଥାନାରେ ନିଯୁକ୍ତି ପାଇଥିଲେ, ସେତେବେଳେ ସେ ମାତ୍ର ୭ ମାସ ମଧରେ ଜଙ୍କିଆ ଥାନା ଅଞ୍ଚଳରେ ଥିବା ଖଣି ମାଫିଆମାନଙ୍କ ନିଦ ହଜାଇଦେଇଥିଲେ। ପ୍ରତିଦିନ ବେଆଇନ୍ ପଥର ଖଣି ଉପରେ ଚଢାଉ କରି ଏକାଧିକ ଗାଡି ଜବତ କରିଥିଲେ। ଫଳ ସ୍ୱରୂପ କିଛି ଖଣି ମାଫିଆମାନେ ନିଜ ନିଜ



ଗାଡିକୁ ଘରେ ରଖିଦେଇଥିବା ଶୁଣିବାକୁ ମିଳୁଥିଲା। ଜଣେ ସଚ୍ଚୋଟ, କର୍ତ୍ତବ୍ୟ ପରାୟଣ ତଥା ଦବଙ୍ଗ ପୋଲିସ୍ ଅଧିକାରୀ ଭାବେ ଶ୍ରୀ ବିଶ୍ୱାଳ ବେସ୍ ଜଣାଶୁଣା।

ପୂର୍ବରୁ ଶ୍ରୀ ବିଶ୍ୱାଳ ବାଣପୁର ଥାନାରେ ଦେଢ ବର୍ଷ କାଳ ଏସ୍‌ଆଇ ରହିଥିବା ବେଳେ ଅପରାଧିମାନଙ୍କୁ ଦମନ କରିବା କୌଶଳକୁ ନେଇ ବେସ୍ ଚର୍ଚ୍ଚାରେ ଥିଲେ। ଏପରିକି ବାଣପୁର ଥାନାରୁ ବଦଳି ଦିନ କେତେକ ଅପରାଧୀମାନେ ଏଥିଲାଗି ଖୁସି ମନାଇଥିବାର ଦେଖିବାକୁ ମିଳିଥିଲା। ବାଣପୁର ଥାନାରେ ତାଙ୍କର ଲୋକପ୍ରିୟତା ଏପରି ଥିଲା ଯେ, ବଦଳି ହେବା ଖବର ଜାଣି ସ୍ଥାନୀୟ ମହିଳାମାନେ ବାତିଲ ଦାବିରେ ବାଣପୁର ଥାନାରେ ଧାରଣା ଦେବା ସହ ତତ୍କାଳୀନ ଏସ୍‌ପିଙ୍କୁ ଦାବିପତ୍ର ମଧ ଦେଇଥିଲେ।

ସେହିପରି ଭାବେ ବର୍ତ୍ତମାନ ଟାଙ୍ଗୀ ଆଇଆଇସି ବିଜୟ ମଲ୍ଲିକଙ୍କ କଟକ ଜିଲ୍ଲାକୁ ବଦଳି ହୋଇଥିବାବେଳେ ଟାଙ୍ଗୀରେ ଆଇନ ଶୃଙ୍ଖଳା ବଦଳି ହୋଇଥିବାବେଳେ ଟାଙ୍ଗୀରେ ଆଇନ ଶୃଙ୍ଖଳା ରକ୍ଷା କରିବା ସହ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ନୂତନ ଆଇଆଇସି ଶ୍ରୀ ବିଶ୍ୱାଳଙ୍କ ପାଇଁ ଚ୍ୟାଲେଞ୍ଜ ରହିବ।

# ଜଗତସିଂହପୁରସ୍ଥିତ ଜୟବଡ ସ୍କୁଲ୍ ପିଲାଙ୍କ ପରିବେଶ ନଷ୍ଟ କରୁଛନ୍ତି ବାଲି ମାଫିଆ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ଜିଲ୍ଲା ଶିକ୍ଷା ବିଭାଗ ଅଫିସ୍ ଓ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ ମିଟର ବ୍ୟବଧାନରେ ଜଗତସିଂହପୁର ଜୟବଡ ଉ.ପ୍ରା. ବିଦ୍ୟାଳୟକୁ ଲାଗି ପର୍ବତ ଭଳି ଠା-କୁ-ଠା ବାଲି ଠୁଳ ହେବାକୁ ନେଇ ପିଲମାନଙ୍କ ପାଠପଢାର ପରିବେଶ ନଷ୍ଟ ହେଉଛି। କିନ୍ତୁ ଶିକ୍ଷା ବିଭାଗ କିମ୍ବା ତହସିଲ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଦୁଃଖର କାରଣ ବୋଲି ସାଧାରଣରେ ଅଭିଯୋଗ ମଧ ହେଉଛି। ଅଫିସରମାନେ



ଜିଲ୍ଲାରେ ପ୍ରକୃତରେ କାମ କରୁନଥିବା ବା ଜନସାଧାରଣଙ୍କ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରୁନଥିବା ଅଭିଯୋଗ ହେଉଛି। ପିଲାଙ୍କ ପାଠପଢା ପରିବେଶ ନଷ୍ଟ ହେଉଥିବା ନେଇ କେହି ମୁହଁ ଖୋଲୁନଥିବାରୁ ସମସ୍ତେ ସେଠାକାର ଓ ଅଭିଭାବକ,

## ତହସିଲ୍‌ଦାର ଅଞ୍ଜଳି ପରିଡାଙ୍କୁ ଅନୁରୋଧ

ଯେଉଁ ସ୍ଥାନରେ ବାଲି ଗଦା ହୋଇଛି ଉକ୍ତ ସ୍ଥାନରେ କୁଆଡେ ବାଲିମାଫିଆଙ୍କ ବ୍ୟକ୍ତିଗତ ଜାଗା ବୋଲି କୁହାଯାଉଛି ହେଲେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ କାପୁରୁଷପଣିଆ ବୋଲି ଅଭିଯୋଗ ହେଉଛି। କିଛି ସ୍ଥାନୀୟ ବ୍ୟକ୍ତି ନିଜ ନାମକୁ (ପୃଷ୍ଠା-୨)

# କଟକ ସିଆରଆରଆଇ ଥାନା ଖୋଲୁନି ?

## ଭଡା ଗଲାଣି ୩ ଲକ୍ଷ !

**କଟକ(ସଂପର୍କବାର୍ତ୍ତା):-** କଟକ କମିସନରେଟ୍ ପୁଲିସର ଚାଉଳିଆଗଞ୍ଜ ଥାନାରୁ କିଛି ସୀମାକୁ ଅଲଗା କରି ସି.ଆର.ଆର.ଆଇ ଅଂଚଳରେ ଏକ ନୂଆ ଥାନା କରିବା ପାଇଁ ସ୍ଥିର କରିଛନ୍ତି। ପ୍ରାୟ ୬ ମାସ ତଳେ ସି.ଆର.ଆର.ଆଇ ମେନରୋଡ୍‌ରେ ଏକ ଭଡାଘର ନିଆଯାଇ ନୂଆ ଥାନା ଆରମ୍ଭ ପାଇଁ ସରକାରଙ୍କ ତରଫରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭଡାଘରର ପ୍ରଥମ ମହଲାରେ ଆଇଆଇସିଙ୍କ ଚାମ୍ବର, କମ୍ପ୍ୟୁଟର ରୁମ୍, ଓ୍ୱାରଲେସ୍ ରୁମ୍, ପୁଲିସ ବାରାକ୍, ମହିଳା ଓ ପୁରୁଷ ହାଜତ ପ୍ରଭୃତି ପ୍ରାୟ ୫ ମାସ ପୂର୍ବରୁ କାମ ସରିଛି। ଏହି ଥାନାରେ ଜଣେ ଆଇଆଇସି, ୪ ଜଣ ଏସ୍.ଆଇ, ୪ ଜଣ ଏ.ଏସ୍.ଆଇ, ୮ ଜଣ କନଷ୍ଟେବଲ, ୧୫ ଓଏପିଏଫ୍ ଯବାନ, ୧୫ ହୋମଗାର୍ଡ ନିଯୁକ୍ତି ଦେବାକୁ କମିସନରେଟ୍ ପୁଲିସ ଗୃହ ବିଭାଗକୁ ଜଣାଇଥିଲେ ମଧ ସରକାର ଏହି ନୂଆ ଥାନାରେ କର୍ମଚାରୀ ନିଯୁକ୍ତି ଦେଇ ନାହାନ୍ତି। ହେଲେ ୬ ମାସ ହେବ ମାସିକ ୬୦ ହଜାର କରି ଏହା ଭିତରେ ୩ ଲକ୍ଷ ଟଙ୍କା ଘରଭଡା ଗଣି ସାରିଲେଣି। ଦୁଇମାସ ହେବ ଥାନାରେ ୧୦ ଲକ୍ଷ ଟଙ୍କାର ସିସି ଟିଭି କ୍ୟାମେରା ବି ଲାଗିଲାରି। ଥାନାରେ ସବୁ କାର୍ଯ୍ୟ ସରିଥିବା ବେଳେ ସରକାର ଏଠାରେ ନିଯୁକ୍ତି ନଦେଇ ମାସିକ ମୋଟା ଅଙ୍କର ଭଡା ଦେବା ପଛର କାରଣ କ'ଣ ତାହା ବୁଝା ପଡୁନି। ବିଭାଗ ପକ୍ଷରୁ ଏଠାରେ ସିଆର୍‌ଆର୍‌ଆଇ ଥାନା ବୋର୍ଡ ଲଗାଯାଇଥି। ବେଳେ ଭିତରେ ପୁଲିସ କର୍ମଚାରୀ ବସିବା ପାଇଁ ଆସବାବପତ୍ର ବି ପଡିଛି, ହେଲେ କର୍ମଚାରୀ ନଥିବାରୁ ଏଯାଏ ଥାନା କାର୍ଯ୍ୟକାରୀ ହୋଇ ପାରି ନାହିଁ। ସୂଚନାଯୋଗ୍ୟ, ବହୁଦିନ ହେବ ପୂର୍ବାଞ୍ଚଳ ଲୋକଙ୍କ ଦାବି ଯୋଗୁଁ ସରକାର ଏହି ନୂଆ ଥାନାର ପରିକଳ୍ପନା କରିଥିଲେ। ହେଲେ, ଥାନାଟି କିପରି କାମ କରିବ, ସେଥିପାଇଁ ସରକାର କିମ୍ବା ପୁଲିସ ବିଭାଗ କୌଣସି ପଦକ୍ଷେପ ନେଉଥିବା ଦେଖାଯାଉନି। ଉଲ୍ଲେଖ୍ୟ, ପୂର୍ବରୁ ଚାଉଳିଆଗଞ୍ଜ ଥାନା ଅଧୀନରେ ଥିବା ନୂଆବଜାର ଛକର କିଛି ଅଂଶ, ପୋତାପୋଖରୀ, ମହିମାନଗର, ବିଦ୍ୟାଧରପୁର, ନୂଆବଜାର ସଦର ବ୍ଲକ, ଗାନ୍ଧୀପଲ୍ଲୀ, ଭଦିମୂଳ, କହ୍ନେଇପୁର, ଗତିରାଉତପାଟଣା, କେସପୁର, ସିଆରଆରଆଇ କ୍ୟାମ୍ପସ୍ ପ୍ରମୁଖ ଚାଉଳିଆଗଞ୍ଜ ଥାନା ସୀମାରୁ ସିଆରଆରଆଇ ଥାନା ଅଧୀନକୁ ଯିବ ବୋଲି ସୂଚନା ମିଳିଛି।

## ଯାଜପୁର ଜିଲ୍ଲା ହାଉସିଂ ବୋର୍ଡର ସଭାପତି ଭାବେ ନିର୍ବାଚିତ ହେଲେ ପରମେଶ୍ୱର ଦାଶ(ବୁଲନ୍ ଭାଇ)। ବିଭିନ୍ନ ମହଲରୁ ସାଗତ ସମ୍ବର୍ଦ୍ଧନା



## "ଧରିତ୍ରୀ" ସମ୍ପାଦକ ତଥାଗତ ଶତପଥୀ ଜାଣିଛନ୍ତି କି ?

# ଜଗତସିଂହପୁର ସାମ୍ବାଦିକଙ୍କ ହରକତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁରର "ଧରିତ୍ରୀ" ସାମ୍ବାଦିକ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିଥିବା ଖବର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏହା କିପରି ଭାଇରାଲ୍ ହେଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମଧ କରୁଛି। କୁଆଡେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ୍‌କୁ ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗି "ଧରିତ୍ରୀ" ସାମ୍ବାଦିକ ଜଗତସିଂହପୁରର ପ୍ରମୋଦ କୁମାର ନାୟକ ଇଂଜିନିୟର ଓ ଅଫିସରଙ୍କୁ ଅସୁବିଧାରେ ପକାଇବା ଲକ୍ଷ୍ୟରେ ଥିବା ଏବଂ ବ୍ଲାକ୍‌ମେଲ୍ କରୁଥିବା ନେଇ ଅଭିଯୋଗ ହେଉଛି। ଯାହାଫଳରେ ଅତିଷ୍ଠ ହୋଇ ଲାଇନ୍ ଡିପାର୍ଟମେଣ୍ଟର କିଛି ଅଫିସର ତଥା ଇଂଜିନିୟର ଏଭଳି ସୋସିଆଲ୍ ମିଡିଆରେ ଭାଇରାଲ୍ କରି ସମସ୍ତଙ୍କ ଅବଗତି ନିମନ୍ତେ ଏହା କରୁଥିବା ଶୁଣାଯାଉଛି। ଠିକଣାରେ, ପ୍ରମୋଦ କୁମାର ନାୟକ, ପିତା-କୃଷ୍ଣଚନ୍ଦ୍ର ନାୟକ, ସା-ଏରଡା, ପୋ-ଗଳଧାରୀ, ଥାନା-ନାଉଗାଁ, ଜିଲ୍ଲା-ଜଗତସିଂହପୁର ଉଲ୍ଲେଖ ରହିଛି। ଦୈନିକ ଓଡ଼ିଆ ଖବରକାଗଜର "ଧରିତ୍ରୀ"ର ଜିଲ୍ଲା ପ୍ରତିନିଧିଙ୍କ ପ୍ରେସ୍‌କାର୍ଡ ପ୍ରମାଣପତ୍ର ଭାବେ ରହିଛି। ଆବଶ୍ୟକ ସୂଚନାର ବିଷଦ ବିବରଣୀରେ, ଜଗତସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ଅଞ୍ଚଳରେ ୨୦୧୯-୨୦ ରୁ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷର ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସଂପର୍କରେ। ଏହା କିପରି ଭାଇରାଲ୍ ହେଲା ତାହା ମଧ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାର ପ୍ରାୟ ୯୦ ଭାଗ ସରକାରୀ ଅଫିସ୍‌ରେ "ଧରିତ୍ରୀ" ସାମ୍ବାଦିକ ପ୍ରମୋଦ କୁମାର ନାୟକ ତଥ୍ୟ ମାଗି ଅଫିସର ଓ ଇଂଜିନିୟରମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବାର ଅଭିଯୋଗ ହେଉଛି। ଯାହାଫଳରେ କିଛି ଅଫିସର୍ ଅତିଷ୍ଠ ହୋଇ ସାମ୍ବାଦିକ ପ୍ରମୋଦଙ୍କୁ ସୋସିଆଲ୍ ମିଡିଆରେ ପରିଚିତ କରିବା ଲାଗି ବା ଅଫିସର ଓ ଇଂଜିନିୟରମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବା ନେଇ ସାଧାରଣରେ ଜଣାଇବା ଲାଗି ଏଭଳି ଭାଇରାଲ୍ ହେଥିବା ବିଭିନ୍ନ ସରକାରୀ ବାବୁମାନଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି। ଏ ମୋବାଇଲ୍‌ରୁ ସେ ମୋବାଇଲ୍‌କୁ ସେୟାର କରାଯାଇଆସୁଛି। ଅନ୍ୟପକ୍ଷରେ, ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଗଠନରେ ବିବାଦୀୟମାନ ପରିସ୍ଥିତି ସୃଷ୍ଟି ନେଇ ପ୍ରମୋଦଙ୍କ ନାଁ ଚର୍ଚ୍ଚାରେ ରହିଆସୁଛି। ସର୍ବାଗେ ପ୍ରମୋଦ ଚର୍ଚ୍ଚାରେ ରହିଥିବା ଶୁଣିବାକୁ ମିଳୁଛି।

# ଜୁଲାଇରେ କର୍ମଚାରୀଙ୍କୁ ସରକାରଙ୍କ ବଡ ୩ଟି ଉପହାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆସନ୍ତା ମାସରେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ କର୍ମଚାରୀଙ୍କୁ ୩ଟି ଉପହାର ଦେଇ ପାରନ୍ତି। ମହଙ୍ଗା ଭତ୍ତା ର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହିତ ଆହୁରି ଦୁଇଟି ବଡ ଘୋଷଣା କରିପାରନ୍ତି କେନ୍ଦ୍ର ସରକାର । ଡିଏ ବୃଦ୍ଧି ସହିତ ବକେୟା ଡିଏ ଓ ପ୍ରୋଭିଜନାଲ ଫଣ୍ଡ ରାଶି କର୍ମଚାରୀଙ୍କ ଖାତାକୁ ପଠାଯିବାର ସମ୍ଭାବନା ରହିଛି।



ପ୍ରଥମ ; ଆସନ୍ତା ମାସରେ କେନ୍ଦ୍ର ସରକାର ଡିଏ ବୃଦ୍ଧି କରିପାରନ୍ତି ଦେଶରେ ବଢୁଥିବା ମହଙ୍ଗା ମାଡକୁ ଦୃଷ୍ଟିରେ ମାଡକୁ ଦର୍ଷିରେ ରଖି ସରକାର ୪ରୁ ୫ପ୍ରତିଶତ ଡିଏ ବଢାଇ ପାରନ୍ତି ଗତ ମାର୍ଚ୍ଚରେ ଡିଏ ୩ ପ୍ରତିଶତ ବଢିଥିବା ବେଳେ ଏବେ କର୍ମଚାରୀମାନେ ୩୪ପ୍ରତିଶତ ଡିଏ ପାଉଛନ୍ତି। ତେବେ ସମ୍ଭାବ୍ୟ ଡିଏ ବୃଦ୍ଧି ହେଲେ କର୍ମଚାରୀଙ୍କ ଡିଏ ୪୦ପ୍ରତିଶତ ପାଖାପାଖି ପହଂଚଯିବା

ଦ୍ୱିତୀୟ ; ଗତ ୧୮ମାସ ଧରି କର୍ମଚାରୀଙ୍କୁ ଡିଏ ମିଳିନାହିଁ । କୋଭିଡ୍ କାରଣରୁ ସରକାର ତାହାକୁ ସ୍ଥଗିତ କରି ରଖିଛନ୍ତି। ୨୦୨୦ମସିହା ଜାନୁଆରୀରୁ ୨୦୨୧ମସିହା ଜୁନ ପର୍ଯ୍ୟନ୍ତ ଡିଏ ବାକି ରହିଛି ତେବେ କେନ୍ଦ୍ରୀୟ କର୍ମଚାରୀଙ୍କୁ ଏକାଥରକେ ଦୁଇ ଲକ୍ଷ ଟଙ୍କାର ବକେୟା ଡିଏ ମିଳିପାରେ । କର୍ମଚାରୀମାନେ ଲଗାତର ଏନେଇ ଦାବି କରିଆସୁଛନ୍ତି।

୩- ସରକାର କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ସୁଧ ହାର ଉପରେ ମୋହର ଲଗାଇ ସାରିଛନ୍ତି। ଆର୍ଥିକ ବର୍ଷ ୨୦୨୧-୨୨ପାଇଁ ଇପିଏଫ ସୁଧ ହାର ୮.୦୧ ପ୍ରତିଶତ ନିଷ୍ପତ୍ତି ହୋଇଛି। ଗତ ବର୍ଷ ଏହା ୮.୫ପ୍ରତିଶତ ରହିଥିଲା ସୁଧ ହାର କମ୍ ହେବା ଫଳରେ ୬କୋଟିରୁ ଅଧିକ ଝଟକା ଲାଗିଛି। ତେବେ ସରାକାର ଜୁଲାଇ ମାସରେ କର୍ମଚାରୀଙ୍କ ଖାତାକୁ ପିଏଫ୍ ସୁଧ ଅର୍ଥରାଶି ପଠାଇବାର ସମ୍ଭାବନା ରହିଛି।

# ଛତିଶଗଡ-ଓଡ଼ିଶା ପକ୍ଷରୁ ଯୋଗ ଶିବିର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭାରତୀୟ ସେନା ମୁଖ୍ୟାଳୟ ଛତିଶଗଡ-ଓଡ଼ିଶା ପକ୍ଷରୁ ଆଜି ରାୟପୁରସ୍ଥିତ ସେଣ୍ଠ ହ୍ରଦ କୂଳରେ ଥିବା ସମ୍ମାନଜନକ "ସୌଭାଗ୍ୟ" ଧ୍ୟାନ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫୦ରୁ ଅଧିକାରୀ, ଯବାନ ଏବଂ ନାଗରିକ ପ୍ରତିରକ୍ଷା କର୍ମଚାରୀ ସେମାନଙ୍କ ପରିବାର ସହିତ ଏହି ଯୋଗ ଶିବିରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଦିଲ୍ଲୀରେ ମୋରାର୍ଜୀ ଦେଶାଇ ଯୋଗ ପ୍ରତିଷ୍ଠାନରେ ତାଲିମ ପ୍ରାପ୍ତ ବିଶେଷଜ୍ଞ ଯୋଗ ପ୍ରଶିକ୍ଷକ କିର୍ତ୍ତୀ ଗୁପ୍ତା ନେତୃତ୍ୱ ନେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, "ଫିଟ୍ ରହିବା ପାଇଁ ଯୋଗ ହେଉଛି ଚାବି ଏବଂ ଆପଣଙ୍କ ମନକୁ ଚାପମୁକ୍ତ ରଖିବା ପାଇଁ ଏହାକୁ ପ୍ରତିଦିନ ଅଭ୍ୟାସ କରିବା ଆବଶ୍ୟକ।" ଶ୍ରୀମତୀ କିର୍ତ୍ତୀ ଗୁପ୍ତା ନିଜେ ଜଣେ ସେନା ଅଧିକାରୀଙ୍କ ପତ୍ନୀ।



ଯେହେତୁ ଭାରତୀୟ ସେନା ଆମର ସୀମା ରକ୍ଷା କରିବା ପାଇଁ ଏକ ଯୁଦ୍ଧ ଶକ୍ତି ଭାବରେ ପ୍ରତିବଦ୍ଧତା ଏବଂ ଉତ୍ସାହର ପ୍ରତୀକ ସେଥି ପାଇଁ ଭାରତୀୟ ସେନାକୁ ଫିଟ୍‌ନେସ୍‌ର ପ୍ରତୀକ ଭାବରେ ଅନେକ ବିବେଚନା କରିଥାନ୍ତି। ଭାରତୀୟ ସେନା ସର୍ବଦା ଜାତୀୟ ବିଷୟ ସହିତ ଜଡିତ ରହିଆସିଛନ୍ତି। ଲୋକମାନଙ୍କୁ ଯୋଗ ମାଧ୍ୟମରେ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ କହିବା ଉପରେ ଏହି ଅନ୍ତର୍ଜାତୀୟ ଯୋଗ ଦିବସ ଧ୍ୟାନ ଦେଇଥାଏ। ଏହି ଯୋଗ ଦିବସରେ ଅଷ୍ଟମ ସଂସ୍କରଣ କୋସା ଠାରେ ଆମ ମଧ୍ୟରେ ସଚେତନତା ଏବଂ ଉତ୍ସାହ ସୃଷ୍ଟି କରିବ ଏବଂ ଅନ୍ୟମାନଙ୍କୁ ଏକ ସୁସ୍ଥ ଜୀବନ ଶୈଳୀ ଅନୁସରଣ କରିବାକୁ ପ୍ରେରଣା ଯୋଗାଇବ ବୋଲି କୋସାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୧୨ଜଣ ପତ୍ନୀଙ୍କୁ ବେଶ୍ୟାବୃତ୍ତିରେ ଲଗାଇଛି ସ୍ୱାମୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଜିକାଲି ବିବାହ ଏକ କଳଙ୍କିତ ପ୍ରଥାରେ ପରିଣତ ହୋଇଗଲାଣି। ଏକାଧିକ ଯୁବତୀଙ୍କୁ ବିଭିନ୍ନ ପ୍ରକାର ଆଳ ଦେଖାଇ

## ଟଙ୍କା ଗଣିପାରୁନାହାଁନ୍ତି

କିଛି ଯୁବକ ଅନୈତିକ ଧନ୍ଦା ଲଗାଉଥିବା ଜଣାପଡୁଛି ବିବାହର ଜଣେ ଯୁବକ ଏଭଳି କିଛି କାରନାମା କରି ଗିରଫ ହୋଇଛନ୍ତି। ୩୨ବର୍ଷୀୟ ଯୁବକ ୧୨ଜଣଙ୍କୁ



ବିବାହ କରିଥିବା ବେଳେ ମଧ୍ୟରେ ୮ଜଣ ନାବାଳିକା ଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି. ଉକ୍ତ ୩୨ବର୍ଷୀୟ ଯୁବକଟି ତାର ସମସ୍ତ ପତ୍ନୀଙ୍କୁ ଦେହ ବେପାର ରେ ଲଗାଉଥିଲା ଏନେଇ ତା ନାମରେ ଗତ ୨୦୧୫ରେ ମାମଲା ଦାୟର କରାଯାଇଥିଲା ମାତ୍ର ସେବେଠାରୁ ସେ ଫେରାର ରହିଥିଲା ଏବେ ପୋଲିସ ତାକୁ ଧରିବା ପରେ ପଚରାଉଚରା କରୁଛି। ତେବେ ଯୁବକଟି ଯେଉଁମାନଙ୍କୁ ବିବାହ କରୁଥିଲେ। ସମସ୍ତେ ମୁସଲମାନ ସମ୍ପ୍ରଦାୟର ଥିଲେ। ସେ ଯୁବତୀମାନଙ୍କୁ ବେଶ୍ୟାବୃତ୍ତିରେ ଲଗାଉଥିଲା ଓ ଅଧିକ ଲୋଭରେ ସେମାନଙ୍କୁ ବିକ୍ରି କରିଦେଉଥିଲେ।

# ସାମ୍ବାଦିକ ମଧୁସୁଦନଙ୍କୁ ଆକ୍ରମଣକ

## ଓୟୁଡବ୍ଲୁଜେର ନିନ୍ଦା, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ) :-** ଅର୍ଗାନାଇଜେସନ୍ ଅଫ୍ ୟୁନାଇଟେଡ୍ ୱାର୍କିଂ ଜୋର୍ନାଲିଷ୍ଟ ଓଡିଶା ଶାଖା ସଂଗଠକ ସମ୍ପାଦକ ଅର୍ଜ୍ଜୁନ ମୁଦୁଲୀଙ୍କ ଆହ୍ୱାନକ୍ରମେ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ଉପରେ ଆକ୍ରମଣକୁ ନେଇ ସ୍ଥାନୀୟ ହଟକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଥିଲା । ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ କରଞ୍ଜିଆର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ କରଞ୍ଜିଆ ଡାକବଙ୍ଗଳାରେ ରାତ୍ରୀଯାପନ କରୁଥିବାବେଳେ ଦୁର୍ବୃତ୍ତମାନଙ୍କ ଆକ୍ରମଣକୁ ଦୃଢ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସରକାରଙ୍କଠାରେ ଦାବୀ କରିଛନ୍ତି । ଏହି ସଭାରେ ସଂଘର ରାଷ୍ଟ୍ରୀୟ ସଭାପତି ପୀତବାସ ମିଶ୍ରଙ୍କ ସଭାପତିତ୍ୱରେ ସମ୍ବାଦିକମାନଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବୃଦ୍ଧି ପାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ନିକଟରେ କରଞ୍ଜିଆଠାରେ ଶ୍ରୀ ନନ୍ଦଙ୍କ ଆକ୍ରମଣ ନେଇ ଶ୍ରୀ ନନ୍ଦ କରଞ୍ଜିଆ ଥାନାରେ ୧୬୨/୨୨ରେ ଏକ ମାମଲାରୁଜ୍ଜୁ କରିଥିଲେ ମଧ୍ୟ ଅଦ୍ୟବଧି ଦୁର୍ବୃତ୍ତମାନଙ୍କୁ କରଞ୍ଜିଆ ପୋଲିସ୍ ଗିରଫ କରିବାରେ ସଫଳ ହୋଇନାହିଁ । ଉକ୍ତ ବୈଠକରେ ଭୁବନେଶ୍ୱର ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମଙ୍ଗରାଜ ଆକ୍ରମଣର ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ସରକାର କୌଣସି ନୀତି ନିର୍ଦ୍ଧାରଣ କରିନଥିବାରୁ ଦିନକୁ ଦିନ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଅଛି । ଏହି ସଭାରେ ସର୍ବଶ୍ରୀ ଅର୍ଜ୍ଜୁନ ବିଶ୍ୱାଳ, ସୁକାନ୍ତ ମହାନ୍ତି, ତାରାପ୍ରସାଦ ମିଶ୍ର, ସନାତନ ଦଳବେହେରା, ଗଜେନ୍ଦ୍ରବେହେରା, ଅଭିମନ୍ୟୁମହାପାତ୍ର, ସତ୍ୟବ୍ରତ ପାତ୍ର ଓ ଅଶୋକ କୁମାର ସାହୁ ପ୍ରମୁଖ ସାମ୍ବାଦିକ ଶ୍ରୀ ନନ୍ଦଙ୍କ ଉପରେହୋଇଥିବା ଆକ୍ରମଣକୁ ଦୃଢ ନିନ୍ଦା କରିବା ସହିତ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଓ ମୟୁରଭଞ୍ଜ ଜିଲ୍ଲାଏସ୍.ପିଙ୍କଠାରେ ଦାବୀ ଜଣାଇଅଛନ୍ତି ।

# ମହାନଦୀରୁ ନିର୍ଭୟରେ ବାଲି ଉଠୁଛି, ସମସ୍ତେ ଚୁପ୍

**କଟକ(ସଂପର୍କବାର୍ତ୍ତା):-** ଦୀର୍ଘବର୍ଷ ଧରି କହ୍ନେଇପୁର ମହାନଦୀ ବାଲିଘାଟ ନିଲାମ ବନ୍ଦ ରହିଛି । ଏହାର ସୁଯୋଗ ନେଇ ସ୍ଥାନୀୟ ନେହରୁ କଲୋନି ଅଂଚଳରେ ଜଣେ ବ୍ୟକ୍ତି ମହାନଦୀରୁ ବାଲି ଚୋରି

## ସରାକାରଙ୍କ ବିପୁଳ ରାଜସ୍ୱ କ୍ଷତି, ଅଫିସର ଓ ମାଫିଆ ମାଲେମାଲ୍

କରି ଚାଲିଛନ୍ତି । ମହାନଦୀ ବନ୍ଧ ନିକଟରେ ଉଚ୍ଚ ଅଟ୍ଟାଳିକା କରି ସାମ୍ନାରେ ବଡ ଗେଟ୍ ଲଗାଇ ପଛପଟେ ମହାନଦୀରୁ ବାଲି ଉଠାଇ ଉକ୍ତ ବ୍ୟକ୍ତି ଘର ପଛପଟେ ତାକୁ ଗଦା କରି ରଖିଛନ୍ତି । ଘାଟ ବନ୍ଦ ଥିବା ବେଳେ ଏହି ଅଂଚଳରେ ପାଖାପାଖି ୭୫ ।ଗ ବାଲି ସେ ଚୋରାଇ ଜମାକରି ରଖିଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଘର ପଛପଟେ ଟ୍ରାକ୍ଟର ଯିବାଆସିବା ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ହୋଇଛି । ଏକ ନମ୍ବରବିହୀନ ନୀଳରଙ୍ଗର ଟ୍ରାକ୍ଟର୍‌ରେ ରାତି ୩ଟାରୁ ନଦୀରୁ ବାଲି ଚୋରି କରି ବନ୍ଧପାର୍ଶ୍ୱରେ ଥିବା ଘର ପଛପଟେ ଓ ଏକ ଘରୋଇ ସ୍କୁଲ ପଛପଟେ ଗଦା କରି ରଖାଯାଇଛି । ଦିନବେଳା ହାଇୱା ଓ ଟ୍ରାକ୍ଟର ସାହାଯ୍ୟରେ ଉକ୍ତ ବାଲିକୁ ଚଢାଦରରେ ବିକ୍ରି କରାଯାଉଛି ବୋଲି କହ୍ନେଇପୁର ପୂଜା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଏ ନେଇ ପୂଜା କମିଟି ପକ୍ଷରୁ ତହସିଲଦାରଙ୍କୁ ଲିଖିତ ଭାବେ ଅିଯୋଗ କରାଯାଇଥିଲେ ବି କିଛି ଫରକ ପଡି ନଥିବା କୁହାଯାଇଛି । ସେମାନେ କହିଛନ୍ତି ଯେ, ଏହି ବାଲିଘାଟ ଗ୍ରାମବାସୀମାନଙ୍କୁ ନିଲାମ ଦିଆଯାଉ । ଉକ୍ତ ଆୟରେ ଗ୍ରାମର ରାଧାମାଧବଜିଉ, ଗ୍ରାମ ଦେବତୀ, ତ୍ରିନାଥ ଦେବ ଓ କନକେଶ୍ୱର ମହାଦେବଙ୍କ ଅନ୍ନପ୍ରସାଦ ଭୋଗ ପ୍ରଭୃତି ହୋଇପାରିବ । ଉକ୍ତ ଦରଖାସ୍ତକୁ ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ ସୁପାରିଶ କରିଛନ୍ତି । ପୂଜା କମିଟିର ସୂର୍ଯ୍ୟମଣି ପଣ୍ଡା, ଗିରିଜାଶଙ୍କର ମିଶ୍ର, ଜ୍ଞାନରଂଜନ ପଣ୍ଡା, ରାଜେଶ



କୁମାର ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, ପ୍ରବୀଣ ପଣ୍ଡା ପ୍ରମୁଖ ୫୦ରୁ ଅଧିକ ଦସ୍ତଖତ ସମ୍ବଳିତ ଦରଖାସ୍ତ ତହସିଲଦାର, ଜିଲ୍ଲାପାଳ, ଆର୍‌ଡିସିଙ୍କୁ ଦିଆଯାଇଛି । ହେଲେ ପ୍ରଶାସନ ଏହା ଉପରେ କିଛି ପଦକ୍ଷେପ ନେଇ ନଥିବା ଓ ମାଫିଆଙ୍କୁ ପରୋକ୍ଷରେ ସହଯୋଗ କରୁଥିବା ସେମାନେ ଅଭିଯୋଗ କରିଛନ୍ତି ।

# ପ୍ରଥମ ପୃଷ୍ଠାରୁ...

## ହାଇସ୍କୁଲ୍...

ଶିକ୍ଷା ବ୍ୟବସ୍ଥା କିପରି ଚାଲିଛି ଅଙ୍ଗେ ଲିଭେଇ ପାରନ୍ତେ ବୋଲି ମୁଲିଆ ଶ୍ରେଣୀର ଲୋକେ ବି ଏପରି କହୁଥିବା ଶୁଣିବାକୁ ମିଳୁଛି। ୩କ ପଣକିଆ ପିଲାଙ୍କୁ ଆସୁନଥିବା ନେଇ ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ଯଥାର୍ଥ ହୋଇଥିବା ବେଳେ ସେଇଠାରେ ମାନ୍ୟବର ମନ୍ତ୍ରୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ୨କରୁ ୨୫କ ପଣିକିଆ ବୋଲିବା ପାଇଁ କହିଥାନ୍ତେ ଆତି ସୁନ୍ଦର ହୋଇଥାନ୍ତା ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ, ଯେଉଁ ଜିଲ୍ଲାରେ ଶିକ୍ଷା ଅଧିକାରୀମାନେ ଅଛନ୍ତି ସେମାନଙ୍କ ଦରମା କାହିଁକି ବନ୍ଦ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ କରାଯାଉଛି। ଶିକ୍ଷା ଜିଲ୍ଲାରେ ୩କ ପଣିକିଆ ପିଲାଙ୍କୁ ନ ଆସିବା କ'ଣ ସେଥିପାଇଁ ଜିଲ୍ଲାରେ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଶିକ୍ଷା ଅଧିକାରୀମାନଙ୍କର କ'ଣ ଦାୟିତ୍ୱ ନୁହେଁ କି ? ଗଣଶିକ୍ଷା ମନ୍ତ୍ରୀ ଜିଲ୍ଲାକୁ ଯାଇ ଏପରି ପରୀକ୍ଷୀ ଥିବା ବେଳେ ଜିଲ୍ଲାରେ ଥିବା ଶିକ୍ଷା ଅଧିକାରୀମାନେ ସମୟ କ୍ରମେ କାହିଁକି ପରଖୁ ନାହାଁନ୍ତି ସେମାନଙ୍କର ଏହା କ'ଣ କର୍ତ୍ତବ୍ୟ ନୁହେଁ କି ? ପ୍ରାଥମିକ ସ୍ତରରେ ଯଦି ଶିକ୍ଷାର ବ୍ୟବସ୍ଥା ସୁଦୃଢ ହୋଇପାରନ୍ତା ତେବେ ମାଟ୍ରିକ୍ ପରୀକ୍ଷା ସମୟରେ ପିଲାମାନଙ୍କର ଏତେ ମାତ୍ରାରେ ଦୁର୍ବଳତା ରୁହନ୍ତାନାହିଁ ବୋଲି କୁହାଯାଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଏହିଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ ମଧ୍ୟ କରାଯାଉଛି। ପ୍ରତ୍ୟେକ ଜିଲ୍ଲାକୁ ମନ୍ତ୍ରୀ ମହୋଦୟ ବୁଲିବାକୁ ଯାଇ ସ୍କୁଲ୍‌ରେ ପାଠ ପଢାଉଥିବା ଶିକ୍ଷକଙ୍କ ଦକ୍ଷତା ପରଖନ୍ତୁ ବୋଲି ଅନୁରୋଧ କରାଯାଉଛି।

## ଜୟବଡ...

ଗୋପନ ରଖି ତହସିଲଦାରଙ୍କ ନିକଟକୁ ଡାକ ମାଧ୍ୟମରେ ଅଭିଯୋଗ ପତ୍ର ପଠାଇଥିବା ସତ୍ତ୍ୱେ ତହସିଲ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ମଧ୍ୟ ଅଭିଯୋଗ ହେଉଛି। ସେଠାକାର ବାଲି ମାଫିଆ ଓ ସେମାନଙ୍କ ବଂଶଧରମାନଙ୍କ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଘର କରି ରହୁଥିବା ଓ ସ୍ଥାନୀୟ ଅଧିବାସୀମାନେ ଭୟ କରି ବିବାଦ ଭିତରେ ନ ପଶିବା ଲାଗି ସାମ୍ନାକୁ ବାହାରୁ ନଥିବାରୁ ବାଲି ଠୁଳ ହେବାରେ ଲାଗିଛି। ପିଲାଙ୍କ ଭବିଷ୍ୟତକୁ ଅଭିଭାବକ, ଶିକ୍ଷକ ଓ ସ୍ଥାନୀୟ ଅଧିବାସୀ ଗୁରୁତ୍ ନ ଦେବା ଦୁଃଖର ବିଷୟ ବୋଲି ମଧ୍ୟ କୁହାଯାଉଛି। ସମ୍ମାନୀୟା ଜଗତସିଂହପୁର ତହସିଲ୍‌ଦାର ଶ୍ରୀମତୀ ଅଞ୍ଜଳୀ ପରିଡାଙ୍କୁ ବିନମ୍ର ଭାବେ ପତ୍ର ମାଧ୍ୟମରେ ଅନୁରୋଧ କରିଥିବା କୁହାଯାଉଛି। ତୁରନ୍ତ ତହସିଲ୍‌ଦାର ଏଥିପ୍ରତି ଦୃଷ୍ଟି ଦେଇ ପିଲାମାନଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ ବାଲିଉଠାଯିବା ଲାଗି ଜୟବଡର ସର୍ବାଧିକ ବ୍ୟକ୍ତି ଏପରି ଅନୁରୋଧ କରୁଛନ୍ତି।

## ଶିକ୍ଷାରେ...

ବାବଦରେ ଅବଗତ କରାଇଥିଲେ।ମନ୍ତ୍ରୀ ଶ୍ରୀ ଦାଶ କେନ୍ଦୁଝର ଜିଲ୍ଲାର ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରାମଚନ୍ଦ୍ରପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗସ୍ତ କରି ସ୍କୁଲରେ ପାଠପଢା ଓ ବିଦ୍ୟାଳୟର ଆନୁଷଙ୍ଗିକ ଭିତ୍ତିଭୂମି ସଂପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ଶ୍ରୀ ଦାଶ ଛାତ୍ରଛାତ୍ରୀ ପରିବହନ କରୁଥିବା ସ୍କୁଲ୍ ବସ୍‌କୁ ଯାଞ୍ଚ ମଧ୍ୟ କରିଥିଲେ।ଏହି ସମୀକ୍ଷା ବୈଠକରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆର ବିଧାୟିକା ମିନାକ୍ଷୀ ମହନ୍ତ, ପାଟଣା ବିଧାୟକ ଭାଗୀରଥି ସେଠୀ, ପ୍ରାଥମିକ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ସମେତ ଜିଲ୍ଲାର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# କାଳ ହେଲା ୟୁକ୍ରେନ୍‌ର ଛେଳି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷ୍ ଓ ୟୁକ୍ରେନ୍ ଯୁଦ୍ଧକୁ ୫ ମାସ ହୋଇଗଲାଣି। ତଥାପି ରୁଷ୍, ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରହିଛି। ସେପଟେ ୟୁକ୍ରେନ୍ ବି ଏହି ଆକ୍ରମଣର ଜବାବ୍ ଦେଇ ଚାଲିଛି। ଏହାରି ଭିତରେ ୟୁକ୍ରେନ୍‌ର ଏକ ଛେଳି ଏବେ ଚର୍ଚ୍ଚାକୁ ଆସିଛି। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ, ଏହି ଛେଳି ଯୋଗୁ ରୁଷ୍‌ର ପାଖାପାଖି ୪୦ ସୈନ୍ୟଙ୍କୁ ଗୁରୁତର ଆଘାତ ଲାଗିଛି।

ରିପୋର୍ଟ ମୁତାବକ, ଦକ୍ଷିଣ-ପୂର୍ବ ୟୁକ୍ରେନର ଜାପୋରିଜିୟା ଓବ୍‌ଲାଷ୍ଟର କିନ୍‌ସ୍କି ରୋଜ୍‌ଡୋରୀ ଗାଁରେ ରୁଷ୍ ସୈନ୍ୟ ଏକ ଗ୍ରେନେଡ୍‌ର ଟ୍ରାପ୍ ବିଛାଉଥିଲେ। ସେଠାରେ ଥିବା ଏକ ହସ୍ପିଟାଲର ଚତୁଃପାର୍ଶ୍ୱରେ ଏହି ତାର ବିଛା ଯାଉଥିଲା। କିନ୍ତୁ ଏହି ସମୟରେ ଏକ ଛେଳି ସେଠାରେ ପହଞ୍ଚି ଯାଇଥିଲା। ଛେଳିର ଶରୀର ତାରରେ ବାଜି ଯିବାରୁ ଗ୍ରେନେଡ୍‌ଟି ଫାଟି ଯାଇଥିଲା ଏବଂ ଏହି ବିସ୍ଫୋରଣରେ ଅତି କମ୍‌ରେ ୪୦ଜଣ ସୈନ୍ୟ ଆହତ ହୋଇଥିଲେ।

# ଏସବିଆଇର ଘୋଷଣା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକଙ୍କ ପାଇଁ ଏକ ବଡ ଖବର ଆସିଛି। ଏସବିଆଇ ପକ୍ଷରୁ ଏଟିଏମ୍ ଟ୍ରାଞ୍ଜାକସନ ଶୁଳ୍କ ନିୟମରେ ପରିବର୍ତ୍ତନ କରାଯାଇଛି। ଏଣିକି ଏସବିଆଇ ଓ ଅନ୍ୟ ବ୍ୟାଙ୍କର ବାଲାନ୍ସ ଚେକ କରିବା ପାଇଁ ଗ୍ରାହକମାନେ ଅର୍ଥ ପଇଠ କରିବେ ଏଥିସହିତ ଅନ୍ୟ କିଛି ନିୟମ ପରିବର୍ତ୍ତନ କରାଯାଇଥିବା ନେଇ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ତେବେ ନୂଆ ନିୟମ





## ବାଲାନ୍ସ ଚେକ୍ କଲେ ପଡିବ ଚାର୍ଜ

ଅନୁଯାୟୀ , ଯଦି ଗ୍ରାହକମାନେ ୧ଲକ୍ଷ ପର୍ଯ୍ୟନ୍ତ ବାଲାନ୍ସ ମେଣ୍ଟେନ କରିନ୍ତି , ତେବେ ସେମାନଙ୍କୁ ସେମାନଙ୍କୁ କୌଣସି ପ୍ରକାରର ଚାର୍ଜ ଦେବାକୁ ପଡିବ ନାହିଁ। ଅନ୍ୟ ବ୍ୟାଙ୍କ ର ଏଟିଏମରୁ ପଇସା କାଢିଲେ ଆପଣଙ୍କୁ ୩ଟି ଟ୍ରାଞ୍ଜାକସନ ଫ୍ରି ମିଳିବ। ନନ - ଏସବିଆଇ ଏଟିଏମରୁ ପଇସା କାଢିବା ପାଇଁ ଅଲଗା ଲିମିଟ୍ ରହିଛି। ଏବେ ଆପଣଙ୍କୁ ଏସବିଆଇ ଏଟିଏମରୁ ଲିମିଟରୁ ଅଧିକ ପଇସା କାଢିଲେ ୨୦ଟଙ୍କା ଦେବାକୁ ପଡିବ। ନବୀନଙ୍କ ସହ କଥା ହେଲେ ଜେପି ନଡ୍ଡା ; ଗହମ ଓ ରସୁଣ ଦେଇ ବଦଳରେ ପାଆନ୍ତୁ ଘର କମ୍ପାନୀ ଏସବିଆଇ ଏଟିଏରୁ ଏଟିଏମରୁ ବାଲାନ୍ସ ଚେକ୍ ପାଇଁ ୫ଟଙ୍କା ଦେବାକୁ ପଡିବ। ତେବେ ଯଦି ଆପଣମାନେ ଖାତାରେ ୧ଲକ୍ଷ ଟଙ୍କା ମେଣ୍ଟେନ ରଖିବେ ତେବେ କୌଣସି ଚାର୍ଜ ଦେବାକୁ ପଡିବ ନାହିଁ।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କ୍ରୀଡା ଓ ଯୁବସେବା ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଗତ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ହକି ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୁଭାଂଶୁ ମିଶ୍ର ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ବିକାଶ ରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର କହିଲେ ଯେ କାହିଁ କେତେ ଦିନରୁ 'ଯୋଗ' ଭାରତୀୟ ସଂସ୍କୃତିର ଅବିଚ୍ଛେଦ ଅଙ୍ଗ ହୋଇ ରହିଆସିଛି। ଯୋଗକୁ ଆଧାର କରି ଭାରତୀୟ ଯୋଗୀ ଓ ମୁନିରଷିମାନେ ଦୀର୍ଘ ଓ ନିରୋଗ ଜୀବନ ଅତିବାହିତ କରିଆସୁଛନ୍ତି। ଏହି ବର୍ଷ ପାଳିତ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସ ଭାରତୀୟ ସଂସ୍କୃତିରେ




ରହି ଆସିଥିବା ଯୋଗର ମହତ୍ୱକୁ ସର୍ବବ୍ୟାପି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କ୍ରୀଡା ଓ ଯୁବସେବା ବିଭାଗ କ୍ରୀଡା ଓ କ୍ରୀଡାବିତଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆମ ଯୁବବର୍ଗଙ୍କ ଭିତରେ ଥିବା ସାମର୍ଥ୍ୟକୁ ସମଗ୍ର ବିଶ୍ୱରେ ପ୍ରସ୍ଫୁଟିତ କରିବାର ସମୟ ଆସିଛି। ଯୋଗ ଜୀବନକୁ ଶୃଙ୍ଖଳିତ କରିବା ସହ ନିଜ ଲକ୍ଷ୍ୟ ପଥରେ ଆଗକୁ ବଢିବାର ଉଚିତ ମାର୍ଗ ପ୍ରଦାନ କରେ। ତେଣୁ ସମସ୍ତେ ଯୋଗ ଓ ପ୍ରାଣାୟାମକୁ ନିଜ ଜୀବନରେ ସାମିଲ କରି ଆଗକୁ ଅଗ୍ରସର ହେବାକୁ ଶ୍ରୀ ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ କ୍ରୀଡା ଛାତ୍ରାବାସରେ ଅନ୍ତେବାସୀ, କୋଚ, କ୍ରୀଡା ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ରାମ ଗୋବିନ୍ଦ ପରିଡା ସଂଚାଳନ କରିଥିଲେ। ବିଭାଗ ପକ୍ଷରୁ ଚନ୍ଦ୍ରକାନ୍ତ ବାରିକ ବିଭିନ୍ନ ଯୋଗମୁଦ୍ରା ଓ ପ୍ରାଣାୟମ ଉପରେ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇଜଣ ଯୋଗ ଛାତ୍ରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଗମୁଦ୍ରା ପ୍ରଦର୍ଶିତ ହୋଇଥିଲା।

# ବଦଳିବେ ବିରୋଧୀ ଦଳ ନେତା-ବିଧାୟକ କୁସୁମ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଧାନସଭା ଅଧିବେଶନ ପୂର୍ବରୁ ବଦଳିବେ ବିରୋଧୀ ଦଳ ନେତା। ଏ ନେଇ ସୂଚନା ଦେଇଛନ୍ତି ବିଜେଡି ବିଧାୟକ କୁସୁମ ଟେଟେ। ସେ କହିଛନ୍ତି ଆମ ବିରୋଧୀ ଦଳ ଅସୁସ୍ଥତା କାରଣରୁ ଗୃହରେ ଅନୁପସ୍ଥିତ ରହୁଛନ୍ତି। ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତି କାରଣରୁ ଦଳକୁ ଗୃହରେ ସଠିକ୍ ଗୁରୁତ୍ୱ ମିଳୁନାହିଁ। ତେଣୁ ବଜେଟ୍ ଅଧିବେଶନ ପୂର୍ବରୁ ନୂଆ ବିରୋଧୀ ଦଳ ନେତା ଦେବା ପାଇଁ ଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଆଗରେ ପ୍ରସ୍ତାବ ରଖିଛନ୍ତି ବିଜେପି ବିଧାୟକଗଣ। ରାଜ୍ୟ ବିଜେପି ସଭାପତିଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇଥିବା କହିଛନ୍ତି କୁସୁମ ଟେଟେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଜୁନ୍ ୨୭ ରୁ ଜୁଲାଇ ୩, ୨୦୨୨, ଜଗତସିଂହପୁର

June 27 to July 3, 2022, Jagatsinghpur

www.samparkabarta.in




## ସୁରଙ୍କ ନାହିଁ ତାଳମେଳ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପ୍ରସଙ୍ଗ ନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରତିକ୍ରିୟା। ଦ୍ରୌପଦୀ ମୁର୍ମୁ ଓଡ଼ିଶା ମାଟିରେ ଜନ୍ମ ହୋଇଥିବାରୁ ଗର୍ବ କରୁଛୁ। ହେଲେ ଏହା ମାଟିର ଲଢେଇ ନୁହେଁ, ପାର୍ଟିର ଲଢେଇ। ମାଟି ପାଇଁ ଲଢେଇ ହେଲେ ଜୀବନ ଦେଇଦବୁ। ଉଭୟ ୟୁପିଏ ଓ ଏନ୍‌ଡିଏ ପ୍ରାର୍ଥୀ ଦେଇଛନ୍ତି। ସୁରେଶ ରାଉତରାୟ ବରିଷ୍ଠ ଲୋକ। ସେ ବୁଦ୍ଧିଜୀବୀ, ପାର୍ଟି ଲାଇନ୍‌ରେ ରହିବେ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ହାଇକମାଣ୍ଡ ଯାହାକୁ କହିବେ, ତାଙ୍କୁ ଭୋଟ୍ ଦେବେ। ବିହାର ମାଟିର ଯଶୱନ୍ତ ସିହ୍ନା, ବିହାର ବିଜେପି ପାର୍ଟି ତାଙ୍କୁ ଭୋଟ ଦେବ କି ବୋଲି ଶରତ ପ୍ରଶ୍ନ କରିଛନ୍ତି।

ସେପଟେ ନିଷ୍ପତ୍ତି ବଦଳାଇଲେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ। ଦ୍ରୌପଦୀଙ୍କୁ ସମର୍ଥନ ପାଇଁ ଆଉ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବେ ନାହିଁ ବୋଲି ସୁର କହିଛନ୍ତି। ଦଳର ନିଷ୍ପତ୍ତି ମାନିବେ ଓ ଯଶୱନ୍ତ ସିହ୍ନାଙ୍କୁ ହିଁ ଭୋଟ ଦେବେ। ପାର୍ଟି ଆଗ। ତେବେ ଯଶୱନ୍ତଙ୍କ ପାଇଁ କ୍ରସ ଭୋଟିଂ ହୋଇପାରେ ବୋଲି ସୁର କହିଛନ୍ତି। ଗତ କିଛିଦିନ ହେବ ଏହି ରାଷ୍ଟ୍ରପତି ନିର୍ବାଚନକୁ ନେଇ ସୁରଙ୍କ




ବୟାନ ଚର୍ଚ୍ଚାରେ ରହିଥିଲା। ପୁନଶ୍ଚ ସୁର ତାଙ୍କ ବୟାନ ବଦଳାଇ ଦଳର ନିଷ୍ପତ୍ତି ଅନୁଯାୟୀ ଭୋଟ ଦେବେ ଯଶୱନ୍ତ ସିହ୍ନାଙ୍କୁ ବୋଲି ସୂଚନା ଦେଇଛନ୍ତି। ତାଙ୍କ(ସୁର) କଥାରେ ତାଳମେଳ ରହୁନଥିବାରୁ ସୁରଙ୍କ ବୟାନ ହାଲ୍‌କା ଭାବେ ସାଧାରଣ ଗ୍ରହଣ କରୁଛନ୍ତି ଓ କମେଣ୍ଟ୍ ମାରି ଯାହା ମାନେ ତାହା କହିଚାଲୁଛନ୍ତି।

## ନବୀନଙ୍କ ଆଖିରେ ଲୁହ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନବୀନଙ୍କ ଆଖିରେ ଲୁହ। ଭାବବିହ୍ୱଳ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରୋମରେ ଓଡ଼ିଶାର ଗରିବ ଛାତ୍ରର କଥା ଶୁଣି କୋହ ସମ୍ଭାଳି ପାରିଲେନି, ସମସ୍ତଙ୍କ ଆଗରେ କାନ୍ଦି ପକାଇଥିଲେ ନବୀନ। ଜର୍ମାନୀରେ ଗବେଷଣା କରୁଥିବା ସମ୍ବଲପୁର ଯୁବ ବୈଜ୍ଞାନିକ ଶେଷଦେବ କିସାନଙ୍କ କଥା ଶୁଣି ନବୀନଙ୍କ ଆଖିରୁ ଲୁହ ଝରି ପଡିଥିଲା। ପାଠ ପଢିବା ପାଇଁ ଯେତେବେଳେ ତାଙ୍କ ପାଖରେ ଟଙ୍କାଟିଏ ନ ଥିଲା ସେତେବେଳେ ସହାୟତାର ହାତ ବଢାଇଥିଲେ ମୁଖ୍ୟମନ୍ତ୍ରୀ। ଏବଂ ତାଙ୍କର ସମସ୍ତ ପଢା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଉ ଯେଉଁଥିପାଇଁ ସେ ଆଜି ଜର୍ମାନୀରେ ପାଠ ପଢିବାକୁ ସୁଯୋଗ ପାଇଛନ୍ତି। ରୋମ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ୨୦୧୮ ମସିହାର ଏହି କଥା ମନେପକାଇ ଦେଇଥିଲେ ଶେଷ। ଆଉ କୋହ ସମ୍ଭାଳି ନପାରି



କାନ୍ଦି ପକାଇଥିଲେ ନବୀନ ପଟ୍ଟନାୟକ। ଶେଷଦେବ ରୋମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କହିଥିଲେ, ୨୦୧୮ରେ ସେ ଯେବେ ଭୁବନେଶ୍ୱରରେ ତାଙ୍କୁ ଭେଟିବାକୁ ଆସିଥିଲେ ସେତେବେଳେ ସେ ହଳେ ଶସ୍ତା ପ୍ୟାଣ୍ଟ ସାର୍ଟ, ବାଥରୁମ୍ ସ୍ଲିପର ପିନ୍ଧିଥିଲେ ଏବଂ ହାତରେ ଥିଲା ଗୋଟିଏ ଛୋଟ ନୋକିଆ ଫୋନ୍। ସେତେବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ଏକ ଆଇଫୋନ୍ ଉପହାର ଦେଇଥିଲେ।

ପିତାମାତାଙ୍କୁ ହରାଇଥିବା ଜଣେ ଅନାଥ ଯୁବକଙ୍କୁ ସହାୟ ହୋଇ ତାଙ୍କୁ ପାଠ ପଢାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ପିତାମାତାଙ୍କୁ ଅଭାବ ଅନୁଭୂତ ହୋଇନଥିଲା। ଏବଂ ଆପଣଙ୍କ ପାଇଁ ଆଜି ଏଠି ପହଞ୍ଚିପାରିଛି ବୋଲି କହିଥିଲେ ଶେଷ। ଆଉ ଶେଷଙ୍କ କେଇପଦ କଥା ଶୁଣି ମୁଖ୍ୟମନ୍ତ୍ରୀଙ୍କ ଆଖିରୁ ଲୁହ ଆସିଯାଇଥିଲା। ସେ ହାତରେ ଲୁହ ପୋଛୁଥିବା ଦେଖିବାକୁ ମିଳିଥିଲା। ତେବେ ପିଏଚ୍‌ଡି କରିବା ପରେ ସେ ଓଡ଼ିଶା ଆସି ଏକ ଫାର୍ମା କମ୍ପାନୀ ଖୋଲିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଔଦ୍ୟୋଗିକ ବିଭାଗରେ ଗବେଷଣା କରୁଥିବା ସମ୍ବଲପୁର ନାକଟିଦେଉଳ ଅଞ୍ଚଳର ଶେଷଦେବ।

## ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ରାଜ୍ୟର ଗର୍ବ:ଧର୍ମେନ୍ଦ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ ଭାବରେ ଘୋଷଣା ହେବା ଆମ ରାଜ୍ୟ ଓଡିଶା ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀମତୀ ମୁର୍ମୁଙ୍କୁ ଟ୍ୱିଟ କରି ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନିଜ ଟ୍ୱିଟରେ ଧର୍ମେନ୍ଦ୍ର ଲେଖିଛନ୍ତି ଯେ ସ୍ୱାଧୀନତୋତ୍ତର ଭାରତର ପ୍ରଥମ ଜନଜାତି ମହିଳା ଓ ପ୍ରଥମ ଓଡିଆ ରାଷ୍ଟ୍ରପତି ଭାବରେ ଶ୍ରୀମତୀ, ମୁର୍ମୁଙ୍କୁ ଏହି ଗରିମାମୟ ପଦବୀ ପାଇଁ ପ୍ରାର୍ଥୀ ଭାବରେ ଚୟନ



କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର ଗହୃ ମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଉଛି ରାଷ୍ଟ୍ରପତି ପଦବୀ ପାଇଁ ଦୌପଦୀ ମୁର୍ମୁଙ୍କୁ ଚୟନ କରି ପ୍ରଧାନମନ୍ତ୍ରୀ ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟ୍ୱିଟରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଜନଜାତି ପରିବାରୁ ଆସିଥିବା ଶ୍ରୀମତୀ ମୁର୍ମୁ ଜୀବନବ୍ୟାପୀ ଗରିବ ଓ ଅସହାୟଙ୍କ ସେବା କରିଛନ୍ତି। ତାଙ୍କର ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଭଲ ଅଭିଜ୍ଞତା ରହିଛି। ଆମ ଦଳ ତାଙ୍କ ଭଳି ଜଣେ କର୍ମଯୋଗୀ ମହିଳା ଓ ଉଦାର ବ୍ୟକ୍ତିତ୍ୱଙ୍କୁ ରାଷ୍ଟ୍ରପତି ପ୍ରାର୍ଥିନୀ କରିବା ନିଷ୍ପତିକୁ ମୁଁ ସ୍ୱାଗତ କରୁଛି। ଶ୍ରୀମତୀ ମୁର୍ମୁଙ୍କୁ ଅନେକ ଅନେକ ଅଭିନନ୍ଦନ ଜଣାଉଛି।

## ମାୟାବତୀଙ୍କ ସମର୍ଥନ

**ଲକ୍ଷ୍ନୌ(ସଂପର୍କବାର୍ତ୍ତା):-** ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ ଶନିବାର ଲକ୍ଷ୍ନୌରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଆଦିବାସୀ ସମାଜକୁ ଏକ ବିଶେଷ ଅଂଶ ଭାବରେ ବିବେଚନା କରି ରାଷ୍ଟ୍ରପତିଙ୍କ ପ୍ରାର୍ଥୀ ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ଆମର ଦଳ ନିଷ୍ପତ୍ତି ନେଇଛି। ସେ କହିଛନ୍ତି, ଆମର ନିଷ୍ପତ୍ତି ନା ଭାଜପା, ଏନ୍‌ଡିଏ କିମ୍ୱା ବିରୋଧୀ ଦଳଙ୍କ ସମର୍ଥନରେ ନାହିଁ। ଆମର ଦଳ ଏବଂ ଆନ୍ଦୋଳନକୁ ଧ୍ୟାନରେ ରଖି ଏକ ଆଦିବାସୀ




ସମାଜର ଜଣେ ଦକ୍ଷ ତଥା ପରିଶ୍ରମୀ ମହିଳାଙ୍କୁ ଦେଶର ରାଷ୍ଟ୍ରପତି କରିବା ସପକ୍ଷରେ ଅଛୁ।

## ରାଷ୍ଟ୍ରପତିଙ୍କ ଦରମା ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭାରତର ୧୫ତମ ମହାମହିମ ହେବାକୁ ଯାଉଛନ୍ତି ଓଡିଶା ଝିଅ ଦ୍ରୌପଦୀ ମୁର୍ମୁ । ପ୍ରଥମ ଆଦିବାସୀ ଭାବେ ସମ୍ଭାଳିବେ ସର୍ବୋଚ୍ଚ ପଦ ଗରିମାମୟ ପଦ ଗରିମାମୟ ପଦବୀରେ ଅଭିଷିକ୍ତ ହେବେ ମୟୂରଭଞ୍ଜରେ ଜନ୍ମିତ ମୁର୍ମୁ। ତେବେ ପ୍ରଥମ ଓଡିଆ ଝିଅ ରାଷ୍ଟ୍ରପତି ହେବାକୁ ଯାଉଥିବାବେଳେ ଓଡିଶାବାସୀଙ୍କୁ ମନରେ ଦେଖିବାକୁ ମିଳିଛି ଉତ୍ସାହ ଏବଂ ଉତ୍ସୁକତା ରାଷ୍ଟ୍ରପତି ହେବାପରେ ଦ୍ରୌପଦୀଙ୍କୁ ମିଳିବ କଣ ସବୁ ସୁବିଧା କେତେ ଜଣ ସୁରକ୍ଷାକର୍ମୀ ନିୟୋଜିତ ହେବେ ଏବଂ ମାସକୁ କେତେ ଟଙ୍କା ପାଇବେ ଦରମା ? ରାଷ୍ଟ୍ରପତି ଯଦିବା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ । କିନ୍ତୁ ଦରମା ଓ ଭତ୍ତାର ନିଷ୍ପତ୍ତି ସଂସଦ ନେଇଥାଏ। ଅର୍ଥାତ ସାଂସଦ ମାନଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରପତିଙ୍କ ଦରମା ବୃଦ୍ଧି ଘଟିଥାଏ । ଆଉ ଏହି କ୍ରମରେ ଦେଖିବାକୁ ଗଲେ ଭାରତର ରାଷ୍ଟ୍ରପତିଙ୍କ ଦରମା ଓ ଭତ୍ତାର ନିଷ୍ପତ୍ତି ସଂସଦ ନେଇଥାଏ। ଅର୍ଥାତ୍ ସାଂସଦ ମାନଙ୍କ



ଅନୁମୋଦନ କ୍ରମେ ରାଷ୍ଟ୍ରପତିଙ୍କ ଦରମା ବୃଦ୍ଧି ଘଟିଥାଏ ଆଉ ଏହି କ୍ରମରେ ଦେଖିବାକୁ ଗଲେ ଭାରତ ରାଷ୍ଟ୍ରପତିଙ୍କ ଦରମା ଏବେ ରହିଛି ୫ଲକ୍ଷ ଟଙ୍କା ଅର୍ଥାତ ଭାବୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାସକୁ ପାଇବେ ୫ଲକ୍ଷ ଟଙ୍କା ଏହାବାଦ ସମସ୍ତ ଗସ୍ତ, ଖାଦ୍ୟ ପରିଧାନ ଏବଂ ପରିପାଟି ସରକାର ବହନ କରିଥାନ୍ତି। କେବଳ ସେତିକି ନୁହେଁ ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟ ଯାଂଚ ପାଇଁ ସର୍ବଦା ନିୟୋଜିତ ରହିଥାନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଏକ ସ୍ୱତନ୍ତ୍ର ଗାଡି ଯୋଗାଇ ଦିଆଯାଇଥାଏ। ଏହା ସହିତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଏକଦମ କଡାକଡି ରିହଥାଏ ଏବଂ ସମସ୍ତ ଗାଡିରେ ସୁରକ୍ଷାକର୍ମୀ ଏବଂ ସୁରକ୍ଷା ବ୍ୟବସ୍ଥା ରହିଥାଏ। ସୁରକ୍ଷା ପାଇଁ କଷ୍ଟମ-ବିଲ୍ଟ ବ୍ଲାକ ମର୍ସିଡିଜ ବେଂଚ ଏସ-୬୦୦ ପୁଲମ୍ୟାନ ଗାର୍ଡରେ ବ୍ୟବସ୍ଥା ରହିଛି। ରାଷ୍ଟ୍ରପତିଙ୍କ ସହ ସୁସଜ୍ଜିତ ଅସ୍ତ୍ରଅସ୍ତ୍ର ଗାଡି ଲିମୋଜିନ ବି ରହିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେଲା ପରେ ଭତ୍ତା ମଧ୍ୟ ମିଳିଥାଏ ଭତ୍ତା ଆକାରରେ ଭାରତ ସରକାର ମାସିକ ଦେଢ ଲକ୍ଷ ଟଙ୍କା ପ୍ରଦାନ କରିଥାନ୍ତି। ଏହାବାଦ୍ ମାଗଣା ମିଳିଥାଏ ସେହିପରି ରାଷ୍ଟ୍ରପତିଙ୍କ ନୋମିନୀଙ୍କୁ ମାସିକ ୩୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥାଏ। ଅବସର ପରେ ମଧ୍ୟ ରାଷ୍ଟ୍ରପତିଙ୍କୁ ବିମାନ ସେବା ମିଳିଥାଏ।

## କଂଗ୍ରେସ ସମର୍ଥନ ଦେବନି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜେଡି ସମର୍ଥନ କରିସାରିଛି । ଆଜି ଏନଡିଏ ରାଷ୍ଟ୍ରପତି ପ୍ରାର୍ଥି ଦ୍ରୌପଦୀ ମୁର୍ମୁଙ୍କ କଂଗ୍ରେସ ସମର୍ଥନ ଦେବନାହିଁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରକାଶ କରିଛନ୍ତ। କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର କହିଛନ୍ତି ଯେ ଦ୍ରୌପଦୀ ମୁର୍ମୁ ଜଣେ ଭଲ ମଣିଷ ଭଲ ବିଧାୟକା ମୁଁ ତାଙ୍କୁ ବ୍ୟକ୍ତିଗତ ଭାବେ ମଧ୍ୟ ଜାଣେ ଆମର ସମ୍ପର୍କ ମଧ୍ୟ ଭଲ କିନ୍ତୁ ସେ ବିଜେପି ନୀତି ଆଦର୍ଶରେ ବିଶ୍ୱାସ କରୁଥିବାରୁ ତାଙ୍କୁ ସମର୍ଥନ ଦେବୁ ନାହିଁ। ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପୂର୍ବରୁ ବିରୋଧୀ ଦଳ ପ୍ରାର୍ଥୀ ଘୋଷଣା ଜଣକୁ ଠିଆ କରି ଅନ୍ୟଜଣଙ୍କୁ ସମର୍ଥନ କରିବା ବେଇମାନୀ ହେବ। ସମର୍ଥନ ପାଇଁ ସବୁ ବିଧାୟକଙ୍କୁ ବିଜେଡିର ଆମନ୍ତ୍ରଣକୁ ନରସିଂହ ମିଶ୍ର କଟାକ୍ଷ କରି




କହିଛନ୍ତି ସେ ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାନାୟକ ତାଙ୍କର ଓଡିଆ ପ୍ରୀତି ଅଛିବୋଲିକହୁଛନ୍ତିତାହେଲେଜଣେଅଣଓଡିଆଙ୍କୁ ରାଜ୍ୟ ସଭା ପଠାଇଲେ କାହିଁକି ? ରାଜ୍ୟରେ କଣ ଓଡିଆ ପ୍ରାର୍ଥୀ ନ ଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି ନରସିଂହ ମିଶ୍ର।

## ମୋକିମଙ୍କ ପ୍ରତିକ୍ରିୟା

**କଟକ(ସଂପର୍କବାର୍ତ୍ତା):-** ରାଷ୍ଟ୍ରପତି ନିର୍ବାଚନ ପାଇଁ ଏଡଏ ପକ୍ଷରୁ ଓଡିଶାରୁ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯିବା ପରେ ରାଜ୍ୟରେ ଖୁସିର ଲହରୀ ବିଜେଡି ସୁପିମୋ ତଥା ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳଗତ ନିର୍ବିଶେଷର ଓଡିଶାର ଝିଅଙ୍କ ସମର୍ଥନ ଜଣାଇବା ନେଇ ଘୋଷଣା ପରେ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଏପଟେ ଦ୍ରୌପଦ୍ରୀଙ୍କୁ ସମର୍ଥନ ଦେବନି ବୋଲି କହିସାରିଛି କଂଗ୍ରେସ। କଂଗ୍ରେସ ବିଧାୟକ ମୋକିମ କହିଛନ୍ତି ଯେ, ନିଜ ରାଜ୍ୟରୁ ଜଣେ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ଏହାକୁ ମୁଁ ସ୍ୱାଗତ କରୁଛି ମାତ୍ର ଦଳଯେଉଁ ନିଷ୍ପତି ନେବ ତାକୁ ହିଁ ସମ୍ମାନ ଦେବି, ବୋଲି ସେ କହିଛନ୍ତି।




## ଗାଁରେ ଜଳିବ ବିଜୁଳି

**ରାଇରଙ୍ଗପୁର(ସଂପର୍କବାର୍ତ୍ତା):-** ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଗାଁ ହେବ ଆଲୋକିତ। ଗାଁ ଲୋକେ ଦେଖିବେ ବିଜୁଳି। ଅନ୍ଧାରରେ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଗାଁ ନେଇ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନର ଚେତା ପଶିଛି। ଆଜି ବିଦ୍ୟୁତ ବିଭାଗ ଗାଁର ସ୍ଥିତି ଅନୁଧ୍ୟାନ କରିଛି। ଏପରିକି ବିଦ୍ୟୁତ୍ ସଂଯୋଗ ପୋତିବା ପାଇଁ ଖୁଣ୍ଟ ପତିବା ଆରମ୍ଭ କରିଛି।

ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ୍ ଉପରବେଡା ପଞ୍ଚାୟତ ଉପରବେଡା ଡୁଙ୍ଗୁରିସାହି। ସେହି ଗାଁରେ ଜନ୍ମ ଗ୍ରହଣ କରିଥିଲେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ। ହେଲେ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏହି ଗାଁରେ ବିଜୁଳି ପହଞ୍ଚି ପାରିନାହିଁ। ଏବେ ବି ଗାଁର ଶତାଧିକ ଆଦିବାସୀ ପରିବାର ଅନ୍ଧକାରରେ ରହିଛନ୍ତି। ସତେ ଯେମିତି ଲାଗୁଛି ପ୍ରଶାସନିକ ଅଧିକାରୀଙ୍କ ପାଦ ଗାଁରେ ପଡିନାହିଁ। ତେବେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ






ମୁର୍ମୁଙ୍କ ନାଁ ଘୋଷଣା ପରେ ଚର୍ଚ୍ଚାକୁ ଆସିଥିଲା ତାଙ୍କ ଗାଁ। ଦେଶ ସ୍ୱାଧୀନ ହେବାର ଏତେବର୍ଷ ପରେ ଗୋଟିଏ ଗାଁକୁ ବିଜୁଳି ଯାଇନାହିଁ। ଆଉ ସେହି ଗାଁରେ ଜନ୍ମଗ୍ରହଣ କରିଥିଲେ ରାଷ୍ଟ୍ରପତି ପ୍ରାର୍ଥୀ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍ପର ହୋଇଛି ପ୍ରଶାସନ। ଶନିବାର ରାଇରଙ୍ଗପୁର ବିଦ୍ୟୁତ ବିଭାଗ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ବେହେରା, କୁସୁମୀ ବ୍ଲକ ବିଦ୍ୟୁତ ବିଭାଗ ଏସ୍‌ଡିଓ ବିରସିଂ ସରେନ ଓ ଅନ୍ୟ କର୍ମଚାରୀମାନେ ଡୁଙ୍ଗୁରି ସାହିକୁ ଯାଇ ପହଞ୍ଚିଛନ୍ତି। ସର୍ଭେ ପରେ ଉପରବେଡା ବଡ ସାହିଠାରୁ ମୋଟ ୨୮ଟି ବିଦ୍ୟୁତ୍ ବିଦ୍ୟୁତ୍ ଖୁଣ୍ଟ ତୋପା ହେବା ପାଇଁ ଚିହ୍ନଟ କରିଛନ୍ତି। ଶନିବାର ସନ୍ଧ୍ୟାରୁ ବିଦ୍ୟୁତ୍ ଖୁଣ୍ଟ ପୋତା ଆରମ୍ଭ ହୋଇଛି। ତେବେ କେବେ ସୁଦ୍ଧା କାମ ସରିବ ଓ ବିଜୁଳି ଜଳିବ, ତାହା ଜଣାପଡିନାହିଁ।

## ଅପରାଜିତାଙ୍କ ତେର୍ଛା ବାଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜେଡି ସମୃର୍ଥନ କରିଛି । ସେପଟେ ଏହି ପ୍ରସଙ୍ଗରେ ବିଜେଡିକୁ ତେରେଛା ବାଣ ମାରିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ ସେ କହିଛନ୍ତି ବିଜେଡି ସମର୍ଥନ ନକରି ଯିବ କୁଆଡେ । ଅପରାଜିତା ଆହୁରି ମଧ୍ୟ କହିଛନ୍ତି ଦ୍ରୌପଦୀ ମୁର୍ମୁଙ୍କ ଏନଡିଏ ପକ୍ଷରୁ ପ୍ରର୍ଥୀ କରା୍ଯାଇଛି। ସେ ଜଣେ ଆଦିବାସୀ ମହିଳା ଏବଂ ମହିଳାଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ଓଡିଶା ଓ ପୂର୍ବ ଭାରତର ମହିଳା ଏହି ଭଳି ପ୍ରାର୍ଥୀ ଚୟନ କେବଳ ପ୍ରଧାନ ମନ୍ତ୍ରୀ ଓ ସଂସଦୀୟ ଦଳ ବୋର୍ଡର । ଏଭଳି ପ୍ରାର୍ଥଙ୍କୁ କିଏ ସମୃର୍ଥନ ଦେବ ନାହେଁ ସେ ଆହୁରି ମଧ୍ୟ ଏନଡିଏ ଏଭଳି ଚଏସକୁ ଯେଉଁମାନେ




ସମର୍ଥନ ଜଣାଇଛନ୍ତି ସେମାନଙ୍କୁ ଧନ୍ୟବାଦ ଏଭଳି ଚଏସକୁ ସମ୍ର୍ଥନ ନଦେଇ ଯିବେ କୁଆଡେ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି।

## ସମ୍ପାଦକୀୟ

# ତଫାତ୍

ସେଦିନ କାହିଁକି ତା'ର ଭାରି ଇଚ୍ଛା ହେଲା ଭାରତ ଓ ପାକିସ୍ତାନ ଭିତରେ ଟଣା ହୋଇଥିବା ସୀମାରେଖାକୁ ଥରେ ଯାଇ ଦେଖି ଆସିବ। ସେ ମନେ ମନେ ଭାବିଲା, ଦିନେ ସୀମାରେଖାର ଉଭୟ ଭାଗ ଗୋଟିଏ ଦେଶ ଥିଲା। ଏବେ ଦୁଇ ଭାଗରେ ବିଭାଜିତ ହୋଇ କେମିତି ଦିଶୁଛି ! ସେ ଯାଇ ସୀମାରେଖା ନିକଟରେ ପହଞ୍ଚିଲା। ଉଭୟ ପଟେ କଡା ପହରା। ପରସ୍ପର ପ୍ରତି ଅବିଶ୍ୱାସ ଓ ଭୟ। କିଏ କେତେବେଳେ କାହା ଉପରକୁ ଗୁଳି ଚଳେଇ ଦେବ ! ତେଣୁ ଦୁଇ ଦେଶର ସୀମାନ୍ତରେ ପହରା ଦେଉଥିବା ବନ୍ଧୁକଧାରୀ ସୈନ୍ୟ ପରସ୍ପର ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ଦୁଇ ଦେଶ ମଝିରେ କିଛି ଭୂମି ଯାହା ଉପରେ କାହାରି ଅଧିକାର ନଥାଏ-ନୋ-ମ୍ୟାନସ୍ ଲ୍ୟାଣ୍ଡ। ଉଭୟ ଦେଶର ନାଗରିକ ଏହା ଉପରେ ପାଦ ଥାପି ଠିଆ ହୋଇପାରିବେ। ସେ ସେଇଠି ଯାଇ ଠିଆ ହେଲା। କିନ୍ତୁ ସେ ଏକାକୀ ନଥିଲା। ଅଠରଜଣ ସଶସ୍ତ୍ର ସୈନିକ ଓ ସେମାନଙ୍କର କମାଣ୍ଡର। ଶତ୍ରୁ ପକ୍ଷର ସୈନିକଙ୍କ ସାମ୍ନାରେ ସେମାନେ ଭଲା ତାକୁ କେମିତି ଏକୁଟିଆ ଛାଡି ପାରିଥାନ୍ତେ ! କେବଳ ସେତିକି ନୁହେଁ। ନିଜ ପକ୍ଷର କମାଣ୍ଡର ତା'ର କାନ ପାଖକୁ ଲାଗି ଆସି ଚାପା ଗଳାରେ କହିଲେ, ଅନ୍ୟ ପକ୍ଷର ସୈନିକମାନେ ଆପଣଙ୍କୁ। ପାଇଁ ସେମାନଙ୍କ ପଟକୁ ଯିବାଲାଗି ଆମନ୍ତ୍ରଣ କରିପାରନ୍ତି।

ଆପଣ ଆଦୌ ରାଜି ହେବେନି କି ଯିବେନି। କିଏ ଜାଣେ ସେମାନେ କ'ଣ କରିବସିବେ ? ଆପଣଙ୍କ ସହିତ ଆପଣଙ୍କ ପତ୍ନୀ ବି ଅଛନ୍ତି। ତା' ଛଡା ଗଲାକାଲି ଆମେ ସେମାନଙ୍କ ପଟର ଛଅ ଜଣ ଅନୁପ୍ରବେଶକାରୀଙ୍କୁ ଗୁଳି କରି ମାରିଛୁ।

ସୁଭାଷ ଶତପଥୀ
ମୋ-୯୭୭୬୪୯୭୭୩୩

ସେ ନିର୍ଭର ପ୍ରତିଶ୍ରୁତି ଦେବାଭଳି ଉତ୍ତର ଦେଲା 'ନାଇଁ ଆଜ୍ଞା ମୁଁ ସେପଟକୁ ଭଲା ଯାଇପାରିବି ? ଏତିକି ମନକୁ ମନ ସେ କହିହେଲା। ଆପଣମାନେ ମତେ ଏତେ ବଡ ମୂର୍ଖ ବୋଲି କେମିତି ଭାବୁଛନ୍ତି ? ମୁଁ ଜଣେ ମଣିଷ ଆପଣା ପର ଭିତରେ ଥିବା ଫରକୁ ବୁଝିବାର ଶକ୍ତି ଈଶ୍ୱର ମୋ ଠାରେ ଦେଇଛନ୍ତି। ଅନ୍ତତଃ ଏତିକି କାଣ୍ଡଜ୍ଞାନ ତ ମୋର ଅଛି।'

ସେ ଅନ୍ୟପଟେ ମନେ ମନେ ଭାବୁଥିଲା ଓ ଠିକ୍ ଏତିକିବେଳେ ଅନ୍ୟପଟର କିଛି ସୈନିକ ଆସି ସେଠାରେ ପହଞ୍ଚିଗଲେ। ସେମାନେ ଥିଲେ ପଠାନ୍ ସମ୍ପ୍ରଦାୟର। ଖୁବ୍ ଆତ୍ମୀୟତାର ସହ ସେମାନେ ତା' ସହ କରମର୍ଦ୍ଦନ କଲେ।

ସେଦିନ ଥିଲା ଇଦ୍। ସେ ସେମାନଙ୍କୁ ମୁବାରକ ସମ୍ଭାଷଣ ଜଣାଇଲେ। ଆଉ ଥରେ ଖୁସିରେ ସେମାନଙ୍କ ସହ ହାତ ମିଳାଇବା ବେଳକୁ ସେମାନଙ୍କ ଭିତରୁ ଜଣେ ତାଙ୍କୁ ଆମନ୍ତ୍ରଣ କରିବା ଢଙ୍ଗରେ କହିଲେ-ଏପଟକୁ ଆସନ୍ତୁ। ଆମମାନଙ୍କ ସହ କପେ ଚା ପିଇବେ ଆସନ୍ତୁ।

ତା' ମନରେ ଏଭଳି ଆମନ୍ତ୍ରଣର ଉତ୍ତର ଆଗରୁ ପ୍ରସ୍ତୁତ ହୋଇଥିଲା। ମୁହଁରେ ଅତି ବିନୟଭାବ ପୋଷଣ ପୂର୍ବକ ସେ ମୁରୁକି ହସି କହିଲା, "ଆପଣଙ୍କ ଆମନ୍ତ୍ରଣ ବହୁତ ବହୁତ ଧନ୍ୟବାଦ। ଆପଣମାନଙ୍କ ସହ ବସି ଚା ପିଇଥିଲେ।"

ଖୁବ୍ ଆନନ୍ଦ ମିଳିଥାନ୍ତା। କିନ୍ତୁ ମୋତେ ଆଜି ହିଁ ଫେରିବାକୁ ପଡିବ ଏବଂ ମୋ ହାତରେ ଖୁବ୍ କମ୍ ସମୟ ଅଛି ଆପଣମାନଙ୍କ ଆମନ୍ତ୍ରଣ ରକ୍ଷା କରିପାରୁନଥିବାରୁ କ୍ଷମା ଦେବେ।

ଏମିତି ଶିଷ୍ଟାଚାରପୂର୍ଣ୍ଣ କଥାବାର୍ତ୍ତା ଭିତରେ ସେ ଲକ୍ଷ୍ୟ କଲା, ପାକିସ୍ତାନ ପଟୁ ଛେଳି ଘାସ ଚରି ଚରି ତା'ରି ପାଖ ଦେଇ ଆଗକୁ ଯାଇ ଭାରତ ସୀମା ଭିତରକୁ ପଶିଗଲେ। ସମସ୍ତେ ଏକା ସଙ୍ଗରେ ମୁହଁ ବୁଲେଇ ସେଇ ଛେଳି ଆଡେ ଚାହିଁଲେ।

ଦଣ୍ଡେ ପରେ ସେ ପାକିସ୍ତାନୀ ସୈନିକମାନଙ୍କୁ ପଚାରିଲେ- ଏସବୁ ଛେଳି କ'ଣ ଆପଣଙ୍କ ପଟର ? ସେମାନଙ୍କ ଭିତରୁ ଜଣେ ବନ୍ଧୁକଧାରୀ ସୈନିକ ଗଭୀର ହସ ହସି କହିଲା, ହଁ ଜନାବ୍ ଆମ ପଟର। ପଶୁ ନା ସୀମାରେଖା ଭିତରେ ଥିବା ତଫାତ୍ କ'ଣ ଜାଣିନି।

# ଚାଣକ୍ୟ ନୀତି

ଚାଣକ୍ୟଙ୍କ ନୀତି ମଣିଷ ଜୀବନ ଉପରେ ଖୁବ ପ୍ରଭାବ ପକାଇଥାଏ। ଯାହାକୁ ନେଇ ଆମେ ଜୀବନରେ ଆଗକୁ ବଢିଥାଉ। ଆଚାର୍ଯ୍ୟ ଚାଣକ୍ୟ ନିଜ ଜୀବନରେ ବିଷମରୁ ବିଷମ ପରିସ୍ଥିତିରେ ସମ୍ମୁଖୀନ କରି ନୀତିଶାସ୍ତ୍ର ଲେଖିଛନ୍ତି। ଯାହାକି ମାନବ ଜୀବନକୁ ପଥ ପ୍ରଦର୍ଶନ କରୁଛି। ଆଜିର ଚାଣକ୍ୟ ନୀତିରେ କୁହାଯାଇଛି ଯେ ଘରର ମହିଳାଙ୍କୁ କେଉଁସବୁ କଥା କହିବା ଉଚିତ ନୁହେଁ।

**ନିଜର ଅପମାନ-**

ଚାଣକ୍ୟଙ୍କ ନୀତି ଅନୁସାରେ କୁହାଯାଇଛି ଯେ ଜଣେ ପୁରୁଷ ନିଜ ପତ୍ନୀକୁ ଅନ୍ୟଠାରୁ ହୋଇଥିବା ଅପମାନକୁ କହିବା ଉଚିତ୍ ନୁହେଁ। ସବୁ ମହିଳା ନୁହନ୍ତି କିନ୍ତୁ କିଛି ମହିଳା ଏଭଳି ଥାଆନ୍ତି ଯେଉଁମାନେ ଏହି କଥାକୁ ନେଇ ବିଭିନ୍ନ ଆକ୍ଷେପ କରିଥାଆନ୍ତି। ଯାହାଦ୍ୱାରା ମାନସିକ କଷ୍ଟ ଅନୁଭବ ହୋଇଥାଏ।

**ପୁରୁଷମାନେ ଦାନ ଲୁଚାଇ କରିବା ଉଚିତ-**

ଚାଣକ୍ୟଙ୍କ ନୀତି ଅନୁସାରେ ଦାନର ମହତ୍ୱ ସେତେବେଳେ ରହିଥାଏ, ଯେତେବେଳେ ତାହାକୁ ଗୁପ୍ତ ଭାବରେ କରାଯାଇଥାଏ। ଏହାଛଡା ପତ୍ନୀ କ୍ରୋଧର ବଶବର୍ତ୍ତୀ ହୋଇ ଏହି କଥାକୁ ନେଇ ଆପଣଙ୍କୁ ଆକ୍ଷେପ କରିପାରନ୍ତି।

**ନିଜର ଦୁର୍ବଳତା-**

ଚାଣକ୍ୟଙ୍କ ନୀତି ଅନୁସାରେ ଯଦି ଆପଣଙ୍କର କିଛି ଦୁର୍ବଳତା ରହିଛି ନୀତି ଅନୁସାରେ ଯଦି ଆପଣଙ୍କର କିଛି ଦୁର୍ବଳତା ରହିଛି ତେବେ କଦାପି ନିଜ ପତ୍ନୀଙ୍କୁ କହିବା ଠିକ୍ ନୁହେଁ। ଏହାଦ୍ୱାରା ଜୀବନରେ ଆଗକୁ ଅପମାନିତ ହେବାକୁ ପଡିପାରେ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# 'ଏ ଅନାନି.....' ଉଦୟପୁରରେ ଅସ୍ତଗଲେ ରାଇମୋହନ

## ସିନେ, ଯାତ୍ରା ଜଗତ ସ୍ତବ୍ଧ

ଏ ଅନାନି ଥିଲା ରାଇମୋହନଙ୍କ ଏପରି ଏକ ସଂଳାପ ଯାହା ଦୀର୍ଘ ୨୫ ବର୍ଷରୁ ଉଭୟ ଓଲିଉଡ ଓ ଯଲିଉଡ ଜଗତରେ ଛାଇଯାଇଥିଲା। ଉକ୍ତ ସଂଳାପଟି ଥିଲା ଚଳଚ୍ଚିତ୍ର 'ରଣଭୂମି'ର। ହେଲେ ଏହି ସଂଳାପର ଶେଷ ନଥିଲା। ଶେଷ ଚଳଚ୍ଚିତ୍ର 'ତୁ ମୋ ସୁନା ଚଢ଼େଇ' ଯାହା ୨୦୧୮ରେ ମୁକ୍ତିଲାଭ କରିଥିଲା, ସେହି ପର୍ଯ୍ୟନ୍ତ ତାହା ତାଙ୍କ ପାଟିରୁ ବାହାରୁଥିଲା। ଉକ୍ତ ଫିଲ୍ମରେ କହୁଥିଲେ ଏ ଅନାନି ମୁଁ ଅଘୋରୀ। ଏପରିକି ଯାତ୍ରା ପେଣ୍ଡାଲର ଯେଉଁ ନାଟକରେ ସେ ଅବତୀର୍ଣ୍ଣ ହେଉଥିଲେ ସେଠି ମଧ୍ୟ କହୁଥିଲେ 'ଏ ଅନାନି...'।

ପରଦା ହେଉ କି ମଞ୍ଚ, ରାଇମୋହନ ପରିଡ଼ାଙ୍କ ଅଭିନୟରେ ସବୁବେଳେ ଭରି ରହିଥାଏ ସ୍ୱତନ୍ତ୍ରତା। କଲେଜ ଜୀବନରୁ ସେ ଏହି ମାୟାରେ ପଡ଼ିଯାଇଥିଲେ। ନିଜ ମାରାଥନ ଆକ୍ଟିଂ ଜୀବନରେ ସେ ଦର୍ଶକ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ଜଣେ ଖଳନାୟକ ଭାବରେ ତାଙ୍କର ଦମଦାର ଅଭିନୟକୁ ହୁଏତ ଭୁଲିବା ଏତେ ସମ୍ଭବ ନୁହେଁ। ଅପେରା ଜଗତରେ କିଛି ବର୍ଷ ଭିତରେ ସେ ସୃଷ୍ଟି କରିଥିଲେ ନିଆରା ପରିଚୟ। 'ନାଗା' ଦେଲା ପରିଚୟ। ଖଳନାୟକ ଭାବରେ ରାଇମୋହନଙ୍କୁ ଅନେକ ସିନେମାରେ ଦେଖିବାକୁ ମିଳିଛି। ହେଲେ ତିରୁମାଲା ପିକ୍ଚର୍ସ ବ୍ୟାନରେ ନିର୍ମିତ, ମିଶ୍ର ବଦର୍ସ ପ୍ରଯୋଜିତ ଏବଂ ଡି.ବିଜୟ ଭାସ୍କରଙ୍କ ନିର୍ଦ୍ଦେଶିତ 'କୋଟିଏ ମଣିଷ ଗୋଟିଏ ଜଗା'ରେ ତାଙ୍କର ଅଭିନୟକୁ ଭୁଲିବା ଏତେ ସହଜ ନୁହେଁ। ଏହି ଫିଲ୍ମଟି ତାଙ୍କୁ ରାତାରାତି ଜଣେ ଦକ୍ଷ ଖଳନାୟକର ମାନ୍ୟତା ଦେଇଥିଲା। ଏଥିରେ ତାଙ୍କର ଭୂମିକାଟି ଥିଲା 'ନାଗା'। କଲେଜ ଜୀବନରେ ଅଭିନୟ ମାୟାରେ ପଡ଼ିବା ପରେ ଥିଏଟର ନାଟକରେ ଅଭିନୟ କରିଥିଲେ ରାଇମୋହନ। ୧୯୮୯ରେ ତାଙ୍କୁ ବଡ଼ ପରଦାରେ ମିଳିଥିଲା ପ୍ରଥମ ସୁଯୋଗ। ଚଳଚ୍ଚିତ୍ରଟି ଥିଲା 'ସାଗର'।

ରାଇମୋହନଙ୍କ ଯାତ୍ରା ଜୀବନ ଆରମ୍ଭ ହୁଏ ବାଣେଶ୍ୱରୀ ଗଣନାଟ୍ୟରୁ। ଅପେରା ଦୁନିଆରେ ସେ ମଧ୍ୟ ନିଜର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ। ଭୂମିକାଟି ଖଳନାୟକ ହେଉ ଅବ ଚରିତ୍ର ଅଭିନେତା ତାହାକୁ ଏଭଳି ଢ଼ଙ୍ଗରେ ସେ ତୁଲାଇଥିଲେ ଯେ ପ୍ରାୟ ବର୍ଷତମାମ ତାଙ୍କୁ ନେଇ ଚର୍ଚ୍ଚା ଲାଗି ରହୁଥିଲା। ବାଣେଶ୍ୱରୀ ଗଣନାଟ୍ୟ ପରେ ସେ ପାର୍ବତୀ ଗଣନାଟ୍ୟ, ଅପେରା ବିଶ୍ୱ ଦରବାର, ଓମଶ୍ରୀ ଅପେରା, ଇଷ୍ଟର୍ଣ୍ଣ ବ୍ଲୁ ଏବଂ ମଧୁବାସନ୍ତୀ ଗଣନାଟ୍ୟରେ ତାଙ୍କ ଅପେରା କ୍ୟାରିୟର ଜାରି



ନାଟ୍ୟସାରଥି ଅଭୟ କୁମାର ଦାସ
ଦୂରଭାଷ : ୯୪୩୭୧୪୨୭୧୭

ରଖିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସ୍ୱାମୀକୁ ଛୁଇଁଲେ ପାପ', 'ସବୁ ସହରରେ ଶଶୁରଘର', 'ଟୋକିଟା ବଡ଼ ବୋକିଟା', 'ଡେଞ୍ଜର ସିଗନାଲ', 'ଉଷଷୀ ଟାର୍ଗେଟରେ ରାଇମୋହନ', 'ଦିଅଁ ପୂଜିବାକୁ ଦେଉଳ ମନା', 'ଦେଖିବା କାହାର କେତେ ଦମ୍' ଏବଂ 'ଅଡ଼ର ହେଇଛି ମର୍ଡ଼ର ପାଇଁ'।

ରାଇମୋହନଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଥିଲା 'ସାଗର'। ଏହାପରେ ସେ 'କୋଟିଏ ମଣିଷ ଗୋଟିଏ ଜଗା', 'ଦାଦାଗିରି', 'ଉଦଣ୍ଡୀ ସୀତା', 'ରଣଭୂମି', 'ମୋ କାହ୍ନୁରେ', 'ନାଗଜ୍ୟୋତି', 'ରୂପା ଗାଁର ସୁନା କନିଆଁ', 'ସର୍କିଳ ତୀର୍ଥ ତୋ ଚରଣେ', 'ସୁନା ପୁଅ', 'ସୁନା ପାଲିଙ୍କି', 'ସ୍ତ୍ରୀ', 'ମଣି ନାଗେଶ୍ୱରୀ', 'ଜନ୍ମଦାତା', 'ନାଗପଞ୍ଚମୀ', 'କୃଷ୍ଣା କାବେରୀ', 'ମହା ସଂଗ୍ରାମ', 'ସିଂହବାହିନୀ', 'ଧର୍ମ ଦେବତା', 'ସମୟ ଖେଳୁଛି ଚକା ଭଉଁରୀ', 'ପୁଅ ଭାଙ୍ଗି ଦେଲା ସୁନା ସଂସାର', 'କୁଳ ନନ୍ଦନ', 'ମା ମଙ୍ଗଳା', 'ତୁ ଏକା ମୋ ସହା ଭରଷା', 'ପ୍ରିୟା ମୋ ପ୍ରିୟା', 'ସରପଞ୍ଚ ବାବୁ', 'ମୋ ମନ ଖାଲି ତୋରି ପାଇଁ', 'ଅର୍ଜୁନ', 'ଜୟ ଶ୍ରୀରାମ', 'ତୋ ପାଇଁ ନେବି ମୁଁ ଶହେ ଜନମ', 'ତୋ ବିନା ମୋ କାହାଣୀ ଅଧା', 'ରସିକ ନାଗର', 'ଛାତି ଚିରିଦେଲେ ତୁ', 'ମେଣ୍ଟାଲ', 'ମୁନ୍ନା ଏ ଲଭ ଷ୍ଟୋରୀ', 'ବନ୍ଦେ ଉତ୍କଳ ଜନନୀ', 'ନେଇ ଯାରେ ମେଘ ମୋତେ', 'ପହିଲି ରଜ', 'ଆସିବୁ କେବେ ସାଜି ମୋ ରାଣୀ', 'ତୁ ମୋ ସୁନା ଚଢ଼େଇ' ଏବଂ 'ବିଶ୍ୱନାଥ' ଆଦି ଚଳଚ୍ଚିତ୍ର। ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ରଣଭୂମି'। ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଗତିଶୀଳ ଏହି ଫିଲ୍ମରେ ରାଇମୋହନଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କର ଡାଏଲଗ୍ 'ହେଇ ଅନାନି...' ଏ ପର୍ଯ୍ୟନ୍ତ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ଗାଁ ବିଦ୍ୟାଳୟରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଗ୍ରହଣ। ପାଟଣା ଉଚ୍ଚ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ସଫଳତା ପରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ କଲେଜରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ସ୍କୁଲ, କଲେଜର ଡ୍ରାମା ସହ ବିଭିନ୍ନ ପର୍ବ ପର୍ବାଣୀରେ ନିଜ ଗାଁ ସହିତ ଆଖପାଖ ଗାଁମାନଙ୍କରେ ଡ୍ରାମାରେ ଅଭିନୟ କରି ଅନେକ ସଫଳତା ସାଉଁଟିଥିଲେ। ଅଷ୍ଟମ ଶ୍ରେଣୀରୁ ସେ ଅଭିନୟକୁ ପ୍ରେମ କରି ବସିଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ପ୍ରଥମ ନାଟକ ତାଙ୍କର ଥିଲା 'କଳାପାହାଡ'। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଉଦୟପୁର ଜନ୍ମ ହୋଇଥିବା ରାଇମୋହନ ଯେତେବେଳେ ଭୁବନେଶ୍ୱର ରସୁଲଗଡ଼ ପ୍ରାଚୀବିହାରରେ ଘର କଲେ ସେତେବେଳେ ତା ନାଁ ଦେଇଥିଲେ ଉଦୟପୁର। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଅମର ଆତ୍ମାର ସଦଗତି କରନ୍ତୁ ଏହା ହିଁ କାମନା।

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ। ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା : ନିୟମିତ ନିଶା ସେବନ



ଡାକ୍ତର ସମ୍ରାଟ କର
ଦୂରଭାଷ : ୯୧୩୨୪୩୩୩୩୩

ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର : ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏଠି ସୂଚନାଯୋଗ୍ୟ ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

# ଆମ ସ୍ୱାସ୍ଥ୍ୟରେ ମାଟି ମାଆ

'ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ - କହନ୍ତି ସୁଜ୍ଞାନୀ ପଣ୍ଡିତ'। ଏ ହେଉଛି ଭାଗବତ ବାଣୀ। ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଆମ ପିଣ୍ଡ ବା ଶରୀର ସଦୃଶ। ବ୍ରହ୍ମାଣ୍ଡରେ ମାଟି, ପାଣି, ପବନ, ଆଲୋକ, ଆକାଶ ଯେପରି ପରିବ୍ୟାପ୍ତ ଠିକ ସେହିପରି ଶରୀର ମଧ୍ୟରେ ପଞ୍ଚ ମହାଭୂତ କ୍ଷିତ-ଅପ-ତେଜ-ମରୁତ-ବ୍ୟୋମ ମଧ୍ୟ ରହିଚି। ଭଗବାନଙ୍କ ସୃଷ୍ଟିରେ ଆମ ଶରୀର ମଧ୍ୟରେ ଥିବା ମାଟି ତତ୍ତ୍ୱର ସ୍ଥାନ ଏକ ସ୍ୱତନ୍ତ୍ର। ଅଥର୍ବ ବେଦର ଭୂମି ସୂକ୍ତିରେ ଅଛି ମାତା ଭୂମି ପୁତ୍ରୋହଂ ପୃଥିବ୍ୟାଃ ଅର୍ଥାତ୍ ପୃଥିବୀ ହେଉଛି ମାତା ଏବଂ ପୁତ୍ର। ଜଣେ କବିଙ୍କ ଭାଷାରେ 'ମାଟିରେ ବିଷ ଆକାଶେ ବିଷ, କ୍ଷେତରେ ଫସଲେ ଭରିଲାବିଷ, ରୋଗ ଯାତନାରେ ସତେ ମଣିଷ। ଗଛ ନାହିଁ ବୋଲି ବରଷା ନାହିଁ, ଆଷାଢ଼ ମାସରେ ଫାଟୁଛି ଭୂଇଁ, କଇଁରେ କଇଁ ଆମ ପାଇଁ ମୁଠେ ମାଟି ବି ନାହିଁ।' ଆଜି ହେଉଛି ଧରିତ୍ରୀ ଦିବସ। ମାଟି ମାଆର ଦିନ। ଜଳ ସହ ଯେପରି ମାଛର ସଂପର୍କ ଆମ ଶରୀର ହିଁ ଠିକ ମାଟି ମାଆର ସଂପର୍କ। ମାଟିକୁ ଆମେ ମାଆ କହୁ। ମାଆ, ତାର ଛୁଆଙ୍କୁ ସୁରକ୍ଷା ଦେବା ସହ ଯତ୍ନ ସହକାରେ ହୃଷ୍ଟପୁଷ୍ଟ କରି ବଢ଼ାଇଥାଏ। ଠିକ୍ ସେହିପରି ମାଟି ମାଆ ଆମକୁ ବାସ ଯୋଗାଇଥାଏ, ବର୍ଷା ସୃଷ୍ଟି କରି ଚାଷକରି ଫସଲ, ପନିପରିବା, ଫଳମୂଳ ଇତ୍ୟାଦି ଉତ୍ପାଦନ ରି ଖାଦ୍ୟ ଯୋଗାଇଥାଏ ଏବଂ ଶେଷରେ ଶରୀରର ପୁଷ୍ଟି ସାଧନ କରିଥାଏ। ରାସ୍ତାଘାଟରେ ବଡ଼ ବଡ଼ ଗଛ ଲାଗିଥିବାରୁ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା, ଆମ ଶରୀରରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଏହି ବୃକ୍ଷ ହିଁ ଗ୍ରହଣ କରେ ଏବଂ ତା ପରିବର୍ତ୍ତେ ଆମ ଜୀବନ ବଞ୍ଚାଇବାକୁ ପ୍ରଚୁର ଅମ୍ଳଜାନ ବିନା ମୂଲ୍ୟରେ ବାଣ୍ଟି ଚାଲେ। ମାଆ ଗର୍ଭରୁ ଗୋଟିଏ ମାଟି ପିଣ୍ଡୁଳା ହୋଇ ଜନ୍ମ ହୋଇ ଏନ୍ତୁଡ଼ିଶାଳରେ ରହିଥାଏ ଏବଂ ଜୀବନ ଚାଲିଗଲା ପରେ ମଧ୍ୟ ସେଇ ଜୁଇରେ ବିଲୀନ ହୋଇ ଶେଷରେ ମାଟିରେ ମିଶିଥାଏ। ତେଣୁ ଯଥାର୍ଥରେ ମାଟିକୁ ମାଆ ବୋଲି ସମ୍ବୋଧନ କରାଯାଇଛି। ସେଥିପାଇଁ ଏହି ମାଟିକୁ ପୃଥିବୀତତ୍ତ୍ୱ କୁହାଯାଏ। ତାହାହେଲେ ଏହି ମାଟିର ଆମ ସ୍ୱାସ୍ଥ୍ୟ ସହ ସଂପର୍କ କ'ଣ ? ମାଟି ଦ୍ୱାରା ଆମ ଶରୀର କେତେ ଉପକାର ପାଇଥାଏ। ଆପଣମାନେ ଜାଣିଥିବେ କେତେକ ଦେଶରେ ଯଥା ଅଷ୍ଟ୍ରେଲିଆ, ନେପାଳ, ଦକ୍ଷିଣ କୋରିଆରେ ଅନ୍ତର୍ଜାତୀୟ ମାଟି ଦିବସ ପାଳନ କରାଯାଏ। କାରଣ ପ୍ରତ୍ୟେକ ଦେଶର ପିଲାମାନେ ଜୁନ ୨୯ ତାରିଖ ଦିନ

ବିଜୟ କୁମାର ପୃଷ୍ଟି
ସମ୍ପାଦକ, ନିରାମୟ, କଟକ,
ଦୂରଭାଷ : ୯୮୬୧୪୬୪୯୩୨

ବିଭିନ୍ନ ସ୍ଥାନରେ ମାଟିରେ ବିଭିନ୍ନ ଖେଳ ଖେଳି ଥାଆନ୍ତି। ପଙ୍କ କାଦୁଅରେ ବୁଡ଼ି ମଜା ନେବାର ଆନନ୍ଦ ପାଆନ୍ତି। ଏହାଦ୍ୱାରା ଚମ ରୋଗ ହୋଇନଥାଏ।

ଏହି ମାଟିରେ ଅଛି ଅରୋଗ୍ୟକାରୀ ଶକ୍ତି, ରୋଗର ଶୋଷଣ କ୍ଷମତା, ଚୁମ୍ବକୀୟ ଗୁଣ ଜୀବନୀ ଶକ୍ତି, ଦୁର୍ଗନ୍ଧ ନିବାରଣ ଶକ୍ତି, ପୋଷକ ତତ୍ତ୍ୱ, ସୁଗନ୍ଧର ଅଦ୍ଭୁତ ଗୁଣ, ମୂଲ୍ୟବାନ ରସାୟନ ତତ୍ତ୍ୱ, ବନସ୍ପତି ଔଷଧୀୟ ଗୁଣ, ଧାର୍ମିକ ଗଙ୍ଗା ମାଟି ପରି ପବିତ୍ରତା ଭରପୂର ହୋଇ ରହିଛି। ଏଥିସହିତ କ୍ଷାରୀୟ, ଲବଣ, ଭିଟାମିନ, ଖଣିଜ ଧାତୁ ଇତ୍ୟାଦି ମଧ୍ୟ ରହିଛି। ବର୍ତ୍ତମାନ ଦେଖିବା ପ୍ରକୃତର ଏହି ମାଟି ମାଆ ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଚିକିତ୍ସାରେ ବ୍ୟବହୃତ ହୋଇପାରୁଛି। ଶରୀରର ଯାବତୀୟ ଚର୍ମରୋଗ ଯଥା କାଛୁ କୁଣ୍ଡିଆ, ବଥ, ଏକଜିମା, ଆଖି ପତାର କଳାଦାଗ, ଦାନ୍ତମାଢ଼ି ରୋଗ, ମୂତ୍ରାଶୟ ରୋଗ, ପେଟର ଯାବତୀୟ ରୋଗ ଯଥା କୋଷ୍ଠକାଠିନ୍ୟ, ମେଦ ବୃଦ୍ଧି, ସ୍ନାୟୁ ଦୁର୍ବଳ ଇତ୍ୟାଦି ମାଟି ଚିକିତ୍ସା ଦ୍ୱାରା ସୁଫଳ ମିଳିଥାଏ। କାରଣ ଏହାର କଳାରଙ୍ଗ ସୂର୍ଯ୍ୟଙ୍କ ସବୁ ରଙ୍ଗକୁ ଅବଶୋଷିତ କରି ମନୁଷ୍ୟ ଶରୀରରେ ପ୍ରବାହିତ କରେ। ଏହା ଶଣୀରରେ ଲେପନ କଲେ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ କଥା ହେଲା ମାଟି ଶସ୍ତା ଏବଂ ସହଜରେ ମିଳିଥାଏ। ପ୍ରାକୃତିକ ଚିକିତ୍ସାରେ ମାଟି ପଟି ବିଭିନ୍ନ ସ୍ଥାନରେ ଦିଆଯାଏ ଏବଂ ସଂପୂର୍ଣ୍ଣ ଶରୀରରେ ମାଟି ସ୍ନାନ କରାଯାଏ। ଗାନ୍ଧିଜୀ ନିଜେ ନିଜର କୋଷ୍ଠବଦ୍ଧତା ପାଇଁ ପେଟରେ ମାଟିପଟି ଦେଇ ପେଟ ସଫା କରୁଥିଲେ।

ଏହି ମାଟି ଚିକିତ୍ସା ପାଇଁ ଚିକିଟା ମାଟି, ନାଲି ମାଟି ଏବଂ ସବୁଠୁ ଫଳପ୍ରଦ ହେଉଛି ଉଇହୁଙ୍କା ମାଟି। ପ୍ରଥମେ ଫୁଟେ ଦୁଇଫୁଟ ତଳୁ ଖୋଳି ମାଟି ସଂଗ୍ରହ କରାଯାଏ। ଚାଲୁଣିରେ ଚଲାଇ ଗୋଡି ମାଟି ସଫାକରି ପାଣିରେ ଭିଜାଇ ଖରାରେ ଶୁଖାଇ ଦେବ। ପ୍ରାୟ ୨/୩ ଦିନ ଶୁଖିଲା ପରେ ପୁଣିଥରେ ଥଣ୍ଡା ପାଣିରେ କାଦୁଅ ଭଳି ଗୁଳା କରି ସାଇତ ରଖାଯାଏ। ଯେତେବେଳେ ଦରକାର ତାହା ବ୍ୟବହାର କରାଯାଏ। ହଁ, କେତୋଟି ସାବଧାନତା ଅବଲମ୍ବନ କରିବା ଜରୁରୀ। ରୋଗ ପାଇଁ ବ୍ୟବହୃତ ମାଟି କେବଳ ଥରେ ମାତ୍ର ବ୍ୟବହାର କରାଯାଏ। ମାଟିକୁ ବିଶୋଧନ ନକରି ବ୍ୟବହାର କରିବା କ୍ଷତିକାରକ। ରୋଗୀ ମାଟି ପଟି ଚିକିତ୍ସାରେ ଥଣ୍ଡା ଅନୁଭବ କଲେ ତୁରନ୍ତ ଚିକିତ୍ସା ବନ୍ଦ କରି ଗରମ ସେକ ଦେବା ଉଚିତ। ଖାଇବା ପୂର୍ବରୁ ତଳିପେଟରେ ମାଟିପଟି ନିଆଯାଏ। ସବୁଠୁ ଉଚିତ ହେଉଛି ଜଣେ ଚିକିତ୍ସକଙ୍କ ପରାମର୍ଶ ନେବା ଭଲ।

# ୨ ଲକ୍ଷ ବଦଳରେ ମିଳିବ ୭ ଲକ୍ଷ : ଅଜଣା ଗାଡି ଧକ୍କାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ବଢିଲା !

**କଟକ(ସଂପର୍କବାର୍ତ୍ତା):-** ଅଜଣା ଗାଡି ଧକ୍କାରେ କେହି ପ୍ରାଣ ହରାଇଲେ ତାଙ୍କ ପରିବାର ତଥା ନିକଟତମ ବ୍ୟକ୍ତିଙ୍କୁ ଏଣିକି ୭ ଲକ୍ଷ ଟଙ୍କା ଆର୍ଥିକ ସହାୟତାମିଳିବ । ସେହିପରି ଆହତଙ୍କୁ ଏହି ପାଣ୍ଠିରୁ ଦେଢ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ । ସୋଲାସିୟମ ଫଣ୍ଡରେ ସହାୟତା ରାଶି ବୃଦ୍ଧି ପରେ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ସୋଲାସିୟମ୍ ଫଣ୍ଡ୍ ପାଇଁ କେବଳ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଥିଲେ । ଫଳରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଥିଲା । ଏବେ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିବା ପରେ ସହାୟତା ରାଶି ୭ ଲକ୍ଷକୁ ବୃଦ୍ଧି ପାଇଛି । ରାଜ୍ୟ ସରକାର ୨୦୧୮ ମସିହାରେ ସୋଲାସିୟମ୍ ଫଣ୍ଡ ଗଠନ କରିଥିଲେ । ଯଦି କୌଣସି ବ୍ୟକ୍ତି ଅଜଣା ଗାଡି ଧକ୍କାରେ ପ୍ରାଣ ହରାନ୍ତି ତେବେ ଏହି ଫଣ୍ଡରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାଲାଗି ନିଷ୍ପତ୍ତି ହୋଇଥିଲା । ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ଘୋଷଣା ହୋଇଥିଲା । ଏଥିପାଇଁ ମୃତକଙ୍କ ସମ୍ପର୍କୀୟ ସ୍ଥାନୀୟ ଆରଟିଓଙ୍କ ନିକଟରେ ଆବେଦନ କରିବେ । ଆରଟିଓ ଏହି ଘଟଣାର ତଦନ୍ତ କରିବା ପରେ ଯଦି ଅଭିଯୋଗର ସତ୍ୟତା ଥାଏ ତାହେଲେ ଏହି ଆର୍ଥିକ ରାଶି ପ୍ରଦାନ କରାଯିବ ।

ଏବେ ଏହି ଯୋଜନାରେ କେନ୍ଦ୍ର ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । କିନ୍ତୁ ଏଠି ଆବେଦନର ପ୍ରକ୍ରିୟା ଭିନ୍ନ ରହିଛି । କେନ୍ଦ୍ର ସରକାରଙ୍କ ଯୋଜନାରୁ ଆର୍ଥିକ ସହାୟତା ପାଇବାକୁ ହେଲେ ମୃତକଙ୍କ ସମ୍ପର୍କୀୟଙ୍କୁ ସ୍ଥାନୀୟ ଥାନାରେ ଆବେଦନ କରିବାକୁ ପଡିବ । ଥାନାର ରିପୋର୍ଟ ଆଧାରରେ ତହସିଲ୍‌ଦାର ଘଟଣାର ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବେ । ଏହି ରିପୋର୍ଟ ଆଧାରରେ ମୃତଙ୍ଯକଙ୍କ ସମ୍ପର୍କୀୟ ଅବା ଆହତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସୋଲାସିୟମ୍ ଫଣ୍ଡରୁ ଲୋକେ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନ କରୁଛନ୍ତି । ଇତିମଧ୍ୟରେ ପ୍ରାୟ ୨ ହଜାର ଲୋକଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ମିଳି ସାରିଲାଣି । କିନ୍ତୁ କେନ୍ଦ୍ର ଯୋଜନା ସଂକ୍ରାନ୍ତରେ ସାଧାରଣ ଲୋକେ ଅଜ୍ଞ ରହୁଥିବାରୁ ଜଣେ ବି ଲୋକ ଏଥିରୁ ଆର୍ଥିକ ସହାୟତା ପାଇନଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ପରିବହନ ବିଶେଷଜ୍ଞ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି ଯେ, ଯେତେବେଳେ ରାଜ୍ୟ ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲେ ପ୍ରାୟ ଦୁଇ ବର୍ଷ ଧରି ଏହି ଯୋଜନାରେ ଆବେଦନକାରୀଙ୍କ ସଂଖ୍ୟା ବହୁ କମ୍ ରହିଥିଲା । ଅଜ୍ଞତା କାରଣରୁ ସାଧାରଣ ଲୋକେ ଏହି ଯୋଜନାର ସୁଫଳ ପାଇପାରୁନଥିଲେ । କ୍ରମଶଃ ଏହି ଯୋଜନା ସଂକ୍ରାନ୍ତରେ ଲୋକେ ଅବଗତ ହେବାରୁ ଆବେଦନକାରରୀଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ସମାନ ଯୋଜନା କ୍ଷେତ୍ରରେ ଅନୁରୂପ ସ୍ଥିତି ଦେଖାଦେଇଛି । ଏହି ଯୋଜନା ସଂକ୍ରାନ୍ତରେ ସାଧାରଣ ଲୋକଙ୍କ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଛନ୍ତି ।

# ଅଲିମ୍ପିକ୍ସ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଅଭିନବ ବିନ୍ଦ୍ରା ଫାଉଣ୍ଡେସନ୍ ଟ୍ରଷ୍ଟ, ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଅଲିମ୍ପିକ୍ସ ଫାଉଣ୍ଡେସନ୍ ଫର୍ କଲଚର ଏଣ୍ଡ୍ ହେରିଟେଜ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସହଯୋଗରେ ଅଲିମ୍ପିକ୍ସ ମୂଲ୍ୟବୋଧ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଗୋପବନ୍ଧୁ ଏକାଡେମୀ ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି ।



ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଏ ବି ଏଫ୍ ଟିର ଫାଉଣ୍ଡର ଅଭିନବ ବିନ୍ଦ୍ରା, ଆଇଓସିର ସାଧନ କର୍ମୀ ମିସ୍ ଏଫ୍ ଜାମୋଲି ଏବଂ ମିସ୍ ଜେନିଆ କୁର୍ଗୋ ଯୋଭା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଓସେପାର ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ଯୋଗ ଦେଇଥିଲେ ।

ଏହି ଅବସରରେ ଅଭିନବ ବିନ୍ଦ୍ରା ଅଲମ୍ପିକ୍ସ ମୂଲ୍ୟବୋଧ ସଂପର୍କରେ ନିଜର ଚମତ୍କାର ରକ୍ତବ୍ୟ ରଖିଥିବାବେଳେ ଅନୁପମ ସାହା ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଅଲମ୍ପିକ୍ସ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ସାହା ପ୍ରଥମ କରି ସମଗ୍ର ଦେଶରେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଶୁଭ ଉନ୍ମୋଚନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ କରାଯାଇଛି ବୋଲି କହିବା ସହିତ ଉପସ୍ଥିତ ପ୍ରଧାନଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନଙ୍କୁ ଜଣେ ଜଣେ ଯୋଦ୍ଧା ଭାବରେ କାର୍ଯ୍ୟ କରିବା ପାଇଁ ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଜୁଲାଇ ୨ରୁ ବିଧାନସଭାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଧାନସଭାର ମୌସୁମୀ ଅଧିବେଶନ ପାଇଁ ଆସନ୍ତା ଜୁନ୍ ୨୯ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭା କନଫରେନ୍ସ ହଲରେ ଦିନ ୧୧ଟାରେ ବୈଠକ ବସିବ । ଏ ନେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି । ବଜେଟ ଅଧିବେଶନର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଂପାଦିତ କରିବା ପାଇଁ ସବୁ ଦଳର ନେତୃମଣ୍ଡଳୀଙ୍କଠାରୁ ସହଯୋଗ କାମନା କରାଯିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି ।



ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ସଂକ୍ରମଣ ଦେଖାଦେଲାଣି । ସର୍ବଦଳୀୟ ବୈଠକରେ ଏ ବିଷୟରେ ମଧ୍ୟ ଆଲୋଚନା କରାଯିବା ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ଜୁଲାଇ ୨ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଜାରି ରହିବ । ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରିବେ ସରକାର ।

# ସଚିବ ସତ୍ୟବ୍ରତ ସାହୁଙ୍କ ସମୀକ୍ଷା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶାର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ କୋଟିଆ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଅଞ୍ଚଳବାସୀଙ୍କୁ କିପରି ଜମି ପଟ୍ଟା ପ୍ରଦାନ କରିବାରେ ତତ୍ପରତା ଅଣାଯାଇପାରିବ ସେ ସଂକ୍ରାନ୍ତରେ ରାଜସ୍ୱ ଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି ।

ଜିଲ୍ଲାପାଳ ଅବଦଲ ଅକ୍ତରଙ୍କ ସହ ସେ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଯାଇ ସେଠାକାର ସ୍ଥିତି ପରଖିବା ସହ ସେଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା କରିଛନ୍ତି । ଏହି ବିଦ୍ୟାଳୟରେ ଛାତ୍ରାବାସ ନଥିବା ଯୋଗୁଁ ପିଲାଏ ଅସୁବିଧାରେ ପଡୁଥିବା ଯୋଗୁଁ ଏ ଦିଗରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ସାହୁ ଜଣାଇଛନ୍ତି । କୋଟିଆରେ ଆନ୍ଧ୍ରର ଲଗାତାର ଅନୁପ୍ରବେଶକୁ ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ ଓଡ଼ିଶା ସରକାର ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି କୋଟିଆବାସୀଙ୍କ ସମସ୍ୟାର ସମାଧାନ ପାଇଁ ବ୍ରତୀ ଅଛନ୍ତି ବୋଲି ମତ ରଖିଛନ୍ତି ।



କୋରାପୁଟ ଫେରି ସାହୁ ଜିଲ୍ଲାର ରାଜସ୍ୱ ଅଧିକାରୀ ନାଲକୋ, ରେଳବାଇ ତଥା ଭାରତମାଳା ପ୍ରକଳ୍ପର ବରିଷ୍ଠ ଅଧିକାରୀଙ୍କ ସହ ଜମି ଅଧିଗ୍ରହଣରେ ଆସୁଥିବା ସମସ୍ୟା ଗୁଡିକ ସମ୍ପର୍କରେ ସମୀକ୍ଷା କରିଛନ୍ତି । ତେବେ ଜମି ଅଧିଗ୍ରହଣରେ କୌଣସି କ୍ଷେତ୍ରରେ ଲୋକଙ୍କ ସମସ୍ୟା ରହିବ ନାହିଁ ବୋଲି ସୂଚନା ଦେଇଛନ୍ତି । ସେ କୋଟିଆ ଗସ୍ତ ସମୟରେ ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ୍ ଓ କୋଟିଆ ସରପଞ୍ଚ ଲିଉ ଗେମଲ ସାକ୍ଷାତ କରି ସେହି ଅଞ୍ଚଳର ଜଳ, ଜମି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ।

# ବାଦାମବାଡି ସେସୁର ୧୪୫ କ୍ୱାର୍ଟର୍ସ ଭୁସୁଡିବ !

**କଟକ(ସଂପର୍କ ବାର୍ତ୍ତା):-** କାନ୍ଥ ଫାଟି ଆଁ କରିଛି । କାନ୍ଥରେ ବଡ ବଡ ଗଛ ଉଠି ଅତ୍ୟନ୍ତ ବିପଦସଙ୍କୁଳ ସ୍ଥିତି ସୃଷ୍ଟି କରିଛି । କାନ୍ଥର ସ୍ଥିତି ଏମିତି ଯେ ଠେଲି ଦେଲେ ହୁଏତ ପଡିଯିବ । କିନ୍ତୁ ସେହି ଘର ଭିତରେ ରହୁଛନ୍ତି ଲୋକ । କ୍ୱାର୍ଟର ଅଂଚଳ ଚାରିପଟେ ଏଭଳ ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛି ଯେ ଜୀବଯନ୍ତୁଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଛି । ଏଭଳି କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲେ ବି ସେଥିରେ ଲୋକଙ୍କୁ ରହିବାକୁ ଅନୁମତି ଦିଆଯିବା ଏବଂ ତାହାକୁ ଭାଙ୍ଗିବା ଦିଗରେ ପଦକ୍ଷେପ ନିଆ ନଯିବା ଘଟଣା ସ୍ଥାନୀୟ ଅଂଚଳରେ ଉଦ୍‌ବେଗର କାରଣ ହୋଇଛି । ବାଦାମବାଡି ସେସୁ କଲୋନିର ଏହି ଅସୁରକ୍ଷିତ କୋଠାକୁ ନେଇ ସ୍ଥାନୀୟ ଲୋକଙ୍କ ପ୍ରତି ବି ବିପଦ ବଢିବାରେ ଲାଗିଛି । ହଠାତ୍ କୌଣସି ଅଘଟଣ ଘଟିଲେ ଯଦି ଧନଜୀବନ ହାନୀ ହେବ, ସେଥିପାଇଁ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି ।

ତଥ୍ୟ ଅନୁଯାୟୀ ବାଦାମବାଡି ସେସୁ କଲୋନୀରେ ଥିବା ୧୪୫ଟି କ୍ୱାର୍ଟର ଏବେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇ ପଡିଛି । ୧୪୫ଟି କ୍ୱାର୍ଟରରୁ ଏବେ ୪୦ଟି କ୍ୱାର୍ଟରରେ ଲୋକ ରହୁଛନ୍ତି । କିନ୍ତୁ ଲୋକେ ରହୁଥିବା କୋଠା ବି ଅତ୍ୟନ୍ତ ବିପଦଶଂକୁଳ ସ୍ଥିତିରେ ରହିଛି । ୧୦ ବର୍ଷ ପୂର୍ବରୁ ଏହି କୋଠା ଅସୁରକ୍ଷିତ ହୋଇ ପଡିଥିଲେ ବି ଏହାର ମରାମତି କରାନଯାଇ ଛାଡି ଦିଆଯାଇଥିବାରୁ ଏବେ ଏଭଳି ବିପଦଶଂକୁଳ ସ୍ଥିତି ଉପୁଜିଛି । ଲଗାଣ ବର୍ଷା, ପବନରେ କ୍ୱାର୍ଟର ଗୁଡିକ ଭୁଶୁଡିବା ଆଶଙ୍କା ରହୁଛି ବୋଲି ଜଣେ ଯନ୍ତ୍ରୀ କହିଛନ୍ତି ।

ବିଦ୍ୟୁତ୍ ପରିଚାଳନା ଓ ଯୋଗାଣ ବ୍ୟବସ୍ଥା ଗତ କିଛି ବର୍ଷ ହେବ ଘରୋଇ ସଂସ୍ଥା ହାତକୁ ଯିବା ପରେ ସରକାର ଆଉ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ପ୍ରତି ୩/୪ ବର୍ଷ ଅନ୍ତରରେ କଂପାନି ବଦଳୁଥିବା କର୍ମଚାରୀଙ୍କ ସଂପର୍କରେ ବି ଘରୋଇ କଂପାନି ଚିନ୍ତା କରୁନାହାନ୍ତି । ଶହ ଶହ କର୍ମଚାରୀ ଗୋଟିଏ ପଟେ କ୍ୱାର୍ଟର ନପାଇ ବାହାରେ ଘର ଭଡା ନେଇ ରହୁଥିବା ବେଳେ ଏପଟେ ଶତାଧିକ କ୍ୱାର୍ଟରକୁ ଅସୁରକ୍ଷିତ ଅବସ୍ଥାରେ ଛାଡି ଦିଆଯାଇଛି । ଏବେ ଟାଟା ପାୱାର କେନ୍ଦ୍ରୀୟ ଓଡିଶା ଯୋଗାଣ (ଟିପିସିଓଡିଏଲ) ହାତରେ ଏହି କ୍ୱାର୍ଟର ରହିଥିବାରୁ ତୁରନ୍ତ ଏହି ଅସୁରକ୍ଷିତ କ୍ୱାର୍ଟରକୁ ଭାଙ୍ଗି ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ସଞ୍ଜ ନିଆଁରେ ଜଳିଲେ ମହିଳା

**ଗୋପ(ସଂପର୍କବାର୍ତ୍ତା):-** ସଂଜ ହେଉଥିବା ବେଳେ ସଂଜ ସଳିତା ନିଆଁରୁ ଜଳିଗଲା ମହିଳା, ଅର୍ଦ୍ଧଦଗ୍ଧ ଅବସ୍ଥା ମହିଳା, ଅର୍ଦ୍ଧଦଗ୍ଧ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛି । ଘଟଣା ଘଟିଛି ପୁରୀ ଜିଲ୍ଲା ଗୋପ ଥାନା ଗଣେଶ୍ୱରପୁର ଗ୍ରାମରେ ଆଜି ବାପ ଘରୁ ବୁଲୁବୁଲୁ ମଲ୍ଲୀକ ବୟସ (୩୦) ଶାଶୁଘର ଗଣେଶ୍ୱରପୁର ଆସିଥିଲେ ତେବେ ସନ୍ଧ୍ୟାରେ ବୁଲୁବୁଲୁନ୍ ସନ୍ଧ୍ୟା ଦେବା ବେଳେ ସଂଜ ସାଳିତାରୁ ନିଆଁ ଲୁଗାରେ ଲାଗି ଯାଇଥିଲା ତେବେ ନିଆଁ ନିମିଶକ ମଧ୍ୟରେ ମହିଳାଙ୍କ ଶରୀ ଜଳି ଯାଇଥିଲା



ପରିବାର ଲୋକମାନେ ୧୦୮ ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ତେବେ ମହିଳାଙ୍କ ଅବସ୍ଥା ସଂକଟା ପୂର୍ଣ୍ଣ ହେବାର ଡାକ୍ତର ଭବନେଶ୍ୱର କ୍ୟାପିଟାଲ ହସପିଟାଲ ସ୍ତନତାର କରିଛନ୍ତି ତେବେ ମହିଳାଙ୍କ ଦେହରେ କିପରି ନିଆଁ ଲାଗିଲା ଗୋପ ପୋଲସି ତଦନ୍ତ କରଛି ।

# ବଟଶ୍ରୀକ୍ଷେତ୍ରରେ ଚକ୍ଷୁ ଚିକିତ୍ସା ଶିବିର

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ବଟଶ୍ରୀକ୍ଷେତ୍ର ପରିସରରେ ଜଗତ୍‌ସିଂହପୁରର ପ୍ରମୁଖ ଚକ୍ଷୁ ଚିକିତ୍ସାଳୟ 'ଭୂମିକା' ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଅନୁଷ୍ଠିତ ହୋଇଯାଇଛି । ଏହି ଚକ୍ଷୁ ଚିକିତ୍ସା ଶିବିରକୁ ଉଦ୍‌ଘାଟନ କରିଥିଲେ ଭାରତ ସରକାରଙ୍କ ସ୍କିଲ୍ ଡେଭେଲପ୍‌ମେଣ୍ଟର ପ୍ରାକ୍ତନ ନିର୍ଦ୍ଦେଶକ ଡ.ବଟ କିଶୋର ରାୟ, ଉଦ୍‌ଘାଟନୀ ଭାଷଣରେ ସେ କହିଥିଲେ ଯେ ଚକ୍ଷୁ ହିଁ ମଣିଷର ଏକ ପ୍ରଧାନ ଅଂଶ ଯାହାର ସୁରକ୍ଷା ଅତ୍ୟନ୍ତ ଜରୁରୀ । 'ଭୂମିକା ଚକ୍ଷୁ ଚିକିତ୍ସାଳୟ' ଏହି କାର୍ଯ୍ୟକୁ ଗ୍ରାମ୍ୟସ୍ତରରେ ପହଞ୍ଚାଇ ଥିବାରୁ ସେ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ଏବଂ 'ନିର୍ମାଲ୍ୟ'ର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ନାୟକ ।

'ଭୂମିକା ଚକ୍ଷୁ ଚିକିତ୍ସାଳୟ' ତରଫରୁ ଡାକ୍ତର ଶୁଭ୍ରଜ୍ୟୋତି ସେଠୀ ରୋଗୀମାନଙ୍କ ପରୀକ୍ଷା ଏବଂ ସେବା ଦେଇଥିଲା ବେଳେ, କମ୍ୟୁନିଟ୍ ସ୍ୱାସ୍ଥ୍ୟ ପରିଚାଳକ ଶ୍ରୀଯୁକ୍ତ ଅରୁଣା କୁମାର ରାଉତରାୟ ଏବଂ କମ୍ୟୁନିଟ୍ ସ୍ୱାସ୍ଥ୍ୟ ସଂଯୋଜକ ଗୋଲେଖ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଚିକିତ୍ସା ଶିବିରରେ ୨୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା । ଶେଷରେ 'ବଟଶ୍ରୀକ୍ଷେତ୍ର' ପରିଚାଳନା କମିଟିର ସଭାପତି 'ଭୂମିକା' ଅନୁଷ୍ଠାନକୁ ତଥା ସମସ୍ତ ପରିଚାଳକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗତପୁର ପୁଲିସକୁ ଅପରାଧୀଙ୍କ ବେଖାତିର

**କଟକ(ସଂପର୍କବାର୍ତ୍ତା):-** ଜଗତପୁର ଅଂଚଳରେ ଦିନକୁ ଦିନ ବଢୁଛି ଅପରାଧିକ କାର୍ଯ୍ୟକଳାପ । ଦୁର୍ବୃତ୍ତମାନେ ଲୁଟ୍‌ପାଟ୍ ପାଇଁ ନୂଆ ନୂଆ ତରିକା ଆପଣାଉଛନ୍ତି । ବିଭିନ୍ନ କୌଶଳରେ ଦୁର୍ବୃତ୍ତମାନେ ଅପରାଧିକ କାର୍ଯ୍ୟକଳାପ ଘଟାଇ ପୁଲିସକୁ ମାତ୍ ଦେବାରେ ସଫଳ ହେଉଛନ୍ତି, କିନ୍ତୁ ପୁଲିସ ତାହାର କୌଣସି ସୁରାକ ପାଇ ପାରୁନି । ଏବେ ଏକ ନୂଆ ଗ୍ୟାଙ୍ଗ୍ ଜଗତପୁର ଥାନା ଅଂଚଳରେ ସକ୍ରିୟ ହୋଇପଡିଛନ୍ତି । ଏହି ଗ୍ୟାଙ୍ଗ୍ ନଜରରେ ରାଜ୍ୟ ଓ ଜାତୀୟ ରାଜପଥର କଂକ୍ରିଟ ସୁରକ୍ଷା ବାଡରେ ଲାଗିଥିବା ପାଇପ୍ । ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏହାକୁ କାଟି କବାଡିଆଙ୍କୁ ବିକି ଦେଉଛନ୍ତି ।

ସୂଚନାଯୋଗ୍ୟ, ଦୁର୍ଘଟଣା ଅଥବା ଅସାବଧାନତାରୁ ଗାଡିଗୁଡିକ ତଳକୁ ନ ଖସିବା ଉଦ୍ଦେଶ୍ୟରେ ରାଜପଥ କଡରେ ସୁରକ୍ଷା ବାଡାର ବ୍ୟବସ୍ଥା କରାଯାଇଛି । ଦୁର୍ବୃତ୍ତମାନେ ତାହାକୁ କାଟି ବିକ୍ରି କରି ଦେଉଛନ୍ତି । ଜଗତଦପୁର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଜାତୀୟ ରାଜପଥ ସୁରକ୍ଷା ବାଡାରେ ଲାଗିଥିବା ୪ ଇଞ୍ଚ ମୋଟାର ଜି.ଆଇ ପାଇପ୍‌ରୁ ପାଖାପାଖି ୬୦ ଫୁଟ୍ କାଟି ନେଇଥା ବେଳେ କଟକ-ଚାନ୍ଦବାଲି ରାଜପଥର ଖଇରା ପୋଲ ସଂଲଗ୍ନ ରାସ୍ତାରେ ସୁରକ୍ଷା ବାଡାର କ୍ରାକ୍ ବ୍ୟାରିଅରକୁ କାଟି ତଳେ ଫିଙ୍ଗି ଦେଇଛନ୍ତି । ସୁବିଧା ଦେଖି ତାହାକୁ ଲୁଟ୍ କରିବା ପାଇଁ ଏଭଳି କରିଥିବା ସ୍ପଷ୍ଟ ବାରି ହୋଇପଡୁଛି । ଏଥି ସହ ଖଇରା ପୋଲରୁ ଗ୍ରାମକୁ ଯାଇଥିବା ପ୍ରବେଶ ପଥରେ ମଧ୍ୟ ପାଖାପାଖି ୧୦୦ ଫୁଟ୍ ଲମ୍ବ କ୍ରାକ୍ ବ୍ୟାରିଅରକୁ ଦୁର୍ବୃତ୍ତମାନେ ଲୁଟି ନେବାରେ ସଫଳ ହୋଇଛନ୍ତି । ଉଲ୍ଲେଖ, ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଓ ଗାଡି ମଟର ଯାତାୟତ କରିଥାଆନ୍ତି । ହେଲେ, ରାସ୍ତାଟି ରାତି ସମୟରେ ଫାଙ୍କା ରହୁଥିବାରୁ ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଉଛନ୍ତି । ରାସ୍ତା ନିୟମିତ ପୁଲିସ୍ ପେଟ୍ରୋଲିଂ କରୁଥା ବେଳେ ଏହା ପୁଲିସ ନଜରକୁ କିପରି ଆସୁ ନାହିଁ ତାହା ବୁଝାପଡୁନି । ତୁରନ୍ତ ଏହି ଗ୍ୟାଙ୍ଗକୁ ପୁଲିସ୍ ଠାବ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବ ହେଉଛି । ଏହା କରା ନଗଲେ ଏହି ଗ୍ୟାଙ୍ଗ ରାଜପଥ କଡ ସୁରକ୍ଷା ବାଡାରୁ ସବୁ ଲୁହା ସାମଗ୍ରୀ ଲୁଟ୍ କରିନେବାର ଆଶଙ୍କା ଦେଖାଦେଉଛି ।

# ବିଧାନସଭା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ୱର୍ଗତ ନବକୃଷ୍ଣ ଚୋଧୁରୀଙ୍କ ଭଳି ବ୍ୟକ୍ତିତ୍ୱ ରାଜନୀତି କ୍ଷେତ୍ରରେ ବିରଳ । ତାଙ୍କର ଓଡ଼ିଶା ପ୍ରତି ଯେଉଁ ଅବଦାନ, କୃଷକ, ଗରିବ ଓ ଖଟିଖିଆଙ୍କ ପ୍ରତି ଯେଉଁ ସମର୍ପିତ ଭାବ ଥିଲା ଆଗାମୀ ପିଢି ସେଥିରୁ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ଆମେମାନେ ତାଙ୍କ ନୀତି-ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ବିକରମ କେଶରୀ ଆରୁଖ କହିଛନ୍ତି ।

ଗତ ୨୪ ତାରିଖ ପୂର୍ବାହ୍ନରେ ଓଡ଼ିଶା ବିଧାନସଭା ପକ୍ଷରୁ ଆୟୋଜିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୩୮ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ଶ୍ରୀ ଆରୁଖ ବିଧାନସଭାସ୍ଥିତ ନବକୃଷ୍ଣ ଚୋଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି କହିଛନ୍ତି ଯେ ସ୍ୱାଧୀନତା ଆନ୍ଦୋଳନରେ ଏବଂ ଭାରତର ସ୍ୱାଧୀନତା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦେଶ ତଥା ରାଜ୍ୟ ପାଇଁ ତାଙ୍କର ଅବଦାନ ଅତୁଳନୀୟ ।



ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଧାନସଭା ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତି ମହାନ ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସଂଗ୍ରାମୀ ନନ୍ଦକୁମାରଙ୍କୁ ଗାନ୍ଧୀ ଗୌରବ ସମ୍ମାନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ ଦ୍ୱିତୀୟ 'ଗାନ୍ଧୀ ଗୌରବ ସମ୍ମାନ' ଚଳିତବର୍ଷ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ସମବାୟ କ୍ଷେତ୍ରରେ ଦୀର୍ଘ ୬୦ ବର୍ଷ ଧରି କାର୍ଯ୍ୟ କରିଥିବା ଶରତ ଚନ୍ଦ୍ର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ବାରିପଦାରେ ଉତ୍କଳମଣି ବି.ଇଡି କଲେଜର ପ୍ରତିଷ୍ଠାତା ଶ୍ରୀ ନନ୍ଦ କୁମାର ମହାପାତ୍ରଙ୍କୁ ଚଳିତବର୍ଷର ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଶ୍ରୀ ମହାପାତ୍ରଙ୍କ ନାମ ସୁପାରିଶ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଗାନ୍ଧୀ ଗୌରବ ସମ୍ମାନ ୨୦୧୯ ମସିହାରେ ଶ୍ରୀମଦ୍ ବାବା ବଳିଆଙ୍କୁ ପ୍ରଦାନ କରାଯାଇଥିଲା । ସଂଗ୍ରାମୀ ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ଗଠିତ ଏହି ଟ୍ରଷ୍ଟର ବାର୍ଷିକ ଉତ୍ସବ ତଥା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୭ତମ ଜୟନ୍ତୀ ଉତ୍ସବ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହେବ । ଏହି ଅବସରରେ କୋଳଥିଆସ୍ଥିତ ସ୍ମୃତିବନଠାରେ ସ୍ମୃତି ବୃକ୍ଷରେ ବନ୍ଦାପନା ହେବ ଓ ନହରକଣ୍ଟାସ୍ଥିତ ଶିଶୁ ଆଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ । ଆଜିର ବୈଠକରେ ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଡଃ ବଦ୍ରୀନାଥ ପଟ୍ଟନାୟକ, ସୀତାବଲ୍ଲଭ ମହାପାତ୍ର, ଶ୍ରୀମତୀ ଦେବଜାନୀ ରାୟ, ବରୁଣ ରାଜ ଓ ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଚରିତ୍ର ନଥିଲେ ସବୁ ଅସାର



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଦୂରଭାଷ : ୯୪୩୭୦୫୧୯୫୭

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ । ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ । କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ । ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । ସାର୍ଥକ ସଙ୍ଗତି ଆବଶ୍ୟକ । ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ। ସବୁବେଳେ ନିଜକୁ ଜିଜ୍ଞାସା କରିବ - ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଏହାର ଅର୍ଥ ତୁମର ମନଗଢା ବା ପ୍ରବୃତ୍ତି ଧର୍ମକୁ ଛାଡି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଜନୈକ ଭକ୍ତ ପ୍ରଶ୍ନ କଲେ - ସଦ୍‌ଗୁରୁ ଗ୍ରହଣ କଲେ ସେ ଆମ୍ଭମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଶ୍ଚୟତା ଓ ପ୍ରତିଶ୍ରୁତି ଦେବେ ତ ? ଦୃଢ କଣ୍ଠରେ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଏହି ନିଶ୍ଚୟତା ଓ ପ୍ରତିଶ୍ରୁତି ସଦ୍‌ଗୁରୁ ଅବଶ୍ୟ ଦେବେ । କିନ୍ତୁ ସେଥିନିମିତ୍ତ ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ । ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡିବ । ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ- ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ । ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ । ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର । ତୁମେ ମଧ ବିଶ୍ୱରୂପ ଦେଖି ପାରିବ । ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭକ୍ତ ଅର୍ଜ୍ଜୁନ ମଧରେ ଅର୍ଜ୍ଜନ ଅଛି । ଅର୍ଜ୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧମରେ ଅର୍ଜ୍ଜନ କରିଥିଲେ । କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ୍ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର । ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ । ତୁମର ସତ୍ ଅଭ୍ୟାସଗୁଡିକ ସଜାଗ ରଖ, Habit ମାନେ Have it ।

ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟଗୁଡିକ ଦୂର ହେବା ଆବଶ୍ୟକ । ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ - କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ । କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆମ୍ଭମାନଙ୍କର ବୋଧ ବୃଦ୍ଧି ପାଏ। ଅସତ୍‌କୁ ଆମେ ଜାଣିବୁ । କିନ୍ତୁ ଅସତ୍ ଯେପରି ଆମ୍ଭମାନଙ୍କୁ ପ୍ରଭାବିତ କରି ନ ପାରେ ତାର ଚେଷ୍ଟା କରିବୁ । ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ। ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ । ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏ ନାହିଁ। ଭଗବାନ୍ ଶ୍ରୀକୃଷ୍ଣ ଭଗବଦ ଗୀତାରେ କହିଛନ୍ତି - ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ । ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି - ତୁମ ଯେଇସା ରାମକୋ, ତୁମ୍‌କୋ ତେଇସା ରାମ, ଡ଼ାଇନେଯାଓ ତୋ ଡ଼ାଇନ, ବାମେ ଯାଓ ତୋ ବାମ । ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ - ଯେ ଯେପରି ଭଜନା କରେ ସେହିପରି ଫଳ ପାଏ । ତାହାହେଲେ ରାବଣ ମଧ ସାଧନା କରି ଫଳ ପାଇଥିଲା । କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା । ଏହି ପ୍ରସଙ୍ଗରେ କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ- ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍ । ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ । ଆଉ ଅସ୍ତିତ୍ୱକୁ ଯେ ରକ୍ଷା କରେ ସେ ସତ୍ । କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ । ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା । ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା । ଧରାଯାଉ ସତ୍ତା ଚାହୁଁଛି ଚାରିଟା ରସଗୋଲା ଖାଇବ । କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସତ୍ତା ତାହା ଗ୍ରହଣ କରିବ ନାହିଁ । ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ। ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇ ଉଠିବ । ଜଣେ ସତୀ ସ୍ତ୍ରୀର ଯେପରି ହୁଏ । ଶତୃତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ । ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି । ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ- ଏଗୁଡିକ ଭାବିବାର ଜିନିଷ ନୁହେଁ । ଲୋକମାନେ ନିନ୍ଦା କରିପାରନ୍ତି । ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଇଙ୍କର ମଧ ନିନ୍ଦା କରିଛନ୍ତି । କବୀର ସାହେବଙ୍କୁ ମଧ ଅନେକ ନିନ୍ଦା କରନ୍ତି । ନିନ୍ଦା କଲେ ମଧ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି । ସେଣ୍ଟ ଜନ୍ ଥିଲେ । ସେ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ । ଲୋକମାନେ ତାଙ୍କୁ କହୁଥିଲେ - ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ । ସେ କହିଲେ - ମୁଁ ମୂର୍ତ୍ତି ପ୍ରେମ ଦେଖୁଛି । ଭକ୍ତର ଭାବିବା ଉଚିତ - ପ୍ରଭୁ, ମୁଁ ତୁମକୁ ଭଲ ପାଏ । କର୍ମରେ ମଧ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି । ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ । ଏହା ଲୋକ ଦେଖାଣିଆ ହେଲେ ମଧ ଭଲ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି- ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି । ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀମାନଙ୍କୁ ଖୁବ୍ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା । ହୁଏତ କିଛି ପକ୍ଷୀ ମଧ ବାଣରେ ନ ମରି ଉଡି ଯାଉଥିଲେ । ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ । ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ । ବ୍ୟାଧ ଭାବିଲା ଏହା ତ ଖୁବ୍ ମଜା । ମୁଁ ମଧ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି । ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା । ଠିକ୍ ସେହିପରି ଭାବରେ ପକ୍ଷୀମାନେ ମଧ ଉଡି ଆସି ବ୍ୟାଧ ଦେହରେ ବସିଲେ । ସେତେବେଳେ ସେ ବ୍ୟାଧର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା - ଏତିକିରେ ଏତେ ଫଳ । ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି । ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି - ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି । ଭଲ ଭଲ ନାଟକ ହେଲେ ମଝେ ମଝେ ଯାଉଥିଲି । ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ ସେହିପରି ଭାବରେ। ଜଣେ ଖୁବ୍ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ୍ ଭଲ ଅଭିନୟ କରୁଥିଲେ। ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା। ସେ ଆଉ ଘରକୁ ନ ଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା । ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ ଭଲ। କିନ୍ତୁ ଧର୍ମର ଭାବାଳୁତା ଭଲ ନୁହେଁ । ଏଥିରେ ମନୁଷ୍ୟ ଧପ୍ପାବାଜ୍ ହୋଇ ଉଠେ । କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହୁଏ ନାହିଁ । ସେଥପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ - କର୍ମ ନାହିଁ ଚିନ୍ତାସତ୍, ଖସଡା ପଥରେ ନରକ ପଥ।

# ସାଧାରଣ ରୋଗ ପାଇଁ ଯୋଗାସନ

ମନୁଷ୍ୟ ହେଉଛି ଅମୃତର ସନ୍ତାନ - ଏକ ଦୁର୍ଲ୍ଲଭ ଜୀବନ। ଏହି ଶରୀରର ଉପଯୁକ୍ତ ଯତ୍ନ ନେବା ଆମର ପ୍ରଥମ କର୍ତ୍ତବ୍ୟ। 'ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନମ୍'। ଆଧୁନିକ ଜୀବନଶୈଳୀ, ଅଖାଦ୍ୟ ଭୋଜନ ଏବଂ ଯଥୋଚିତ ବ୍ୟାୟାମର ଅଭାବରୁ ଆମେ ଆଜି ବହୁ ରୋଗରେ ଜର୍ଜରିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଘୋଷଣାନୁଯାୟୀ ଉପଯୁକ୍ତ ସ୍ୱାସ୍ଥ୍ୟର ଅର୍ଥ - ଶାରୀରିକ, ମାନସିକ ଏବଂ ଆତ୍ମିକ ତଥା ସାମାଜିକ ସ୍ୱାସ୍ଥ୍ୟର ସନ୍ତୁଳନ। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବିଷୟ ବସ୍ତୁ ଥିଲା ଆଧୁନିକ ଜୀବନ ରକ୍ଷାକାରୀ ଶକ୍ତିଶାଳୀ ଔଷଧ। ଆଣ୍ଟିବାୟୋଟିକ ଆଉ କିଛି କାମ କରିବନି ଅର୍ଥାତ ଔଷଧ ଖାଇଲେ ମଧ ରୋଗ ଭଲ ହେବନାହିଁ। ତାହାହେଲେ ଉପାୟ କ'ଣ ? ଏକାମାତ୍ର ଉପାୟ ହେଲା ପ୍ରାକୃତିକ ଜୀବନ ଯାପନ କରିବା ଅର୍ଥାତ୍ ଖାଦ୍ୟପେୟର ସଂଯଜମତା, ସକାରାତ୍ମକ ଚିନ୍ତାଧାରା, ବ୍ୟାୟାମ ଏବଂ ବିଶ୍ରାମ କରିବା, ଭାରତୀୟ ଜୀବନ ଦର୍ଶନ ହେଉଛି ଯୋଗ - ଏକ ରୋଗମୁକ୍ତ, ଆନନ୍ଦପ୍ରାପ୍ତିର ମାର୍ଗ ହେଉଛି ଯୋଗ। ଏକ ଶ୍ରେଷ୍ଠ ଆଧାତ୍ମିକ ବିଦ୍ୟା। ଏହା ଏକ ସଂପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି, ଯାହା ଶରୀରକୁ ସୁଖ, ଶାନ୍ତି ଓ ନୀରୋଗ ଜୀବନ ପ୍ରଦାନ କରିଥାଏ। ଯୋଗରେ ସ୍ୱାସ୍ଥ୍ୟ ସଂବର୍ଦ୍ଧନ, ରୋଗ ପ୍ରତିରୋଧ ଓ ରୋଗ ନିବାରଣ ଓ ପୁନଃ ସ୍ୱାସ୍ଥ୍ୟଲାଭର ଅପୂର୍ବ କ୍ଷମତା ରହିଛି। ଚିତ୍ତବୃତ୍ତି ନିରୋଧ ହିଁ ଯୋଗ। ଭାରତ ଏକ ଯୋଗଭୂମି। ମହାରାଷ୍ଟ୍ରର ଲୋନାଭେଲା, ହରିଦ୍ୱାରାର ପତଞ୍ଜଳି ଯୋଗ ପୀଠ ଏବଂ ଗାୟତ୍ରୀ ଯୋଗପୀଠ ଓ ବାଙ୍ଗାଲୋରର ସ୍ୱାମୀ ବିବେକାନନ୍ଦ ଯୋଗ ସଂସ୍ଥାନ ଦ୍ୱାରା ଯୋଗ ଶାସ୍ତ୍ରକୁ ବୈଜ୍ଞାନିକ ପଦ୍ଧତିରେ ଗବେଷଣା କରାଯାଉଛି। ଆମ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧିନରେ ଯୋଗର ସ୍ନାତକୋତ୍ତର ଉପାଧି ଶିକ୍ଷା ପ୍ରଦାନ କରାଯାଉଛି।

ବର୍ତ୍ତମାନ ସମାଜରେ ଯୋଗର ଲୋକପ୍ରିୟତା କେବଳ ସ୍ୱାସ୍ଥ୍ୟ ଭିତ୍ତିକ ଯାହାକି ମୁଖ୍ୟତଃ ଉଠଯୋଗ ଉପରେ ଆଧାରିତ। ଏହା ଶରୀରକୁ ସୁସ୍ଥ ରଖିବା ସହ ବଳବାନ କରିଥାଏ। ଜଣେ ବ୍ୟକ୍ତି ଯୋଗ ସାଧନା ଦ୍ୱାରା ଶାରୀରିକ ଦୃଷ୍ଟିରୁ ସୁସ୍ଥ ରହୁ, ଏକାଗ୍ର ଚିତ୍ତ ହେଉ, ପ୍ରସନ୍ନ ହେଉ, ଉତ୍ସାହୀ ହେଉ, ପ୍ରେମପୂର୍ଣ୍ଣ ହେଉ, ଚରିତ୍ରବାନ ହେଉ, ଦେଶ ଭକ୍ତ ହେଉ, ପରୋପକାରୀ ହେଉ, ସମସ୍ତ ସଦ ଗୁଣର ଅଧିକାରୀ ହେଉ, ଯାହା ନିତ୍ୟ ଯୋଗାଭ୍ୟାସର ହେଉଛି ସରଳ ଓ ସହଜ ମାର୍ଗ। ଯାହାକୁ ମହର୍ଷି ପତଞ୍ଜଳୀ ଅଷ୍ଟାଙ୍ଗ ମାର୍ଗ କୁହାଯାଏ। ନାମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି। ଏହାକୁ ଏକ ଅନୁଶାସନ ବଦ୍ଧ ଅଭ୍ୟାସ। ଯାହାକୁ ଶୃଙ୍ଖଳିତ ଜୀବନରେ ଉପଯୁକ୍ତ ମାର୍ଗରେ ଅଭ୍ୟାସ କଲେ ଜୀବନ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ଏହି ସାଧନା ସହିତ ସନ୍ତୁଳିତ ଆହାର ରୋଗ ପାଇଁ ମହୌଷଧିର କାମ କରେ।

ବିଜୟ କୁମାର ପୃଷ୍ଟି
ଦୂରଭାଷ : ୯୮୬୧୪୬୪୯୩୨

ଆସନ୍ତୁ ଦେଖିବା କେତେକ ସାଧାରଣ ରୋଗ ପାଇଁ ଯୋଗାସନ କିଭଳି ଚମକପ୍ରଦ ଔଷଧିର କାମ କରୁଛି। ପ୍ରଥମେ ସବୁଠୁ ଅତି ସାଧାରଣ ରୋଗ କହିଲେ କୋଷ୍ଠବଦ୍ଧତା ବା ମଳକବଜ। ଏହି ରୋଗ ପାଇଁ ପ୍ରଚୁର ଜଳପାନ ଓ ସବୁଜ ପନିପରିବା ସହିତ ପ୍ରାତଃ ଭ୍ରମଣ - ଆସନ ମଧରେ ତାଡ଼ାସନ, ତ୍ରିକୋଣାସନ, କଟିଚକ୍ରାସନ, ଭୁଜଙ୍ଗାସନ, ବଜ୍ରାସନ, ମୟୁରାସନ, ଉତାନପାଦାସନ, ଧନୁରାସନ ଏବଂ ପବନମୁକ୍ତାସନ ପ୍ରତ୍ୟହ ଅଭ୍ୟାସ କରିବା ଉଚିତ। ଏଥିସହିତ ସୂର୍ଯ୍ୟ ନମସ୍କାର ଅତ୍ୟନ୍ତ ଉପଯୋଗୀ। ଆସନ ପରେ ଉଷ୍ଟିକା, କପାଳଭାତି ପ୍ରାଣାୟମ ଅଭ୍ୟାସ ସହ ସପ୍ତାହରେ ଥରେ ଲବୁ ଶଙ୍ଖପ୍ରକ୍ଷାଳନ ଲାଭ ପ୍ରଦ ହୋଇଥାଏ। ଆଜିକାଲି ବିଭିନ୍ନ ଆଳରେ ଅନିଦ୍ରା ରହିବା ଏକ କୁଅଭ୍ୟାସ। ଏହାଦ୍ୱାରା ଶରୀରର ବହୁ କ୍ଷତି ଘଟିଥାଏ। ଏଥିପାଇଁ ଫଳାହାର ସହିତ ଯୋଗନିଦ୍ରା ତଥା ଧ୍ୟାନ ହେଉଛି ଉତ୍କୃଷ୍ଟ ସାଧନା। ବିଷଶ୍ୟନା ଧ୍ୟାନର ଅଭ୍ୟାସ ମଧ ଫଳପ୍ରଦ ହୋଇଥାଏ। ଶ୍ୱାସରୋଗ ମଧ ଏକ ମାରାତ୍ମକ ରୂପ ନେଲାଣି। ଜୀବନଶୈଳୀରେ ପରିବର୍ତ୍ତନ ସହ ପ୍ରତ୍ୟହ କୁଞ୍ଜଳ କ୍ରିୟା, ଜଳନେତି, ସୂତ୍ରନେତିର ଅଭ୍ୟାସ କରିବା ଉଚିତ। ସୂର୍ଯ୍ୟ ନମସ୍କାର ସହ ସୂକ୍ଷ୍ମ ବ୍ୟାୟାମ ଗୁଡ଼ିକୁ ଅଭ୍ୟାସ କଲେ ଅଧିକ ଲାଭ ମିଳେ। ଆସନ ମଧରେ ତଡ଼ାସନ, କଟିଚକ୍ରାସନ, ସର୍ବାଙ୍ଗାସନ, ଚକ୍ରାସନ, ଭୁଜଙ୍ଗାସନ, ଧନୁରାସନ, ବଜ୍ରାସନ, ଗୋମୁତାସନ, ମତ୍ସ୍ୟାସନ ଓ ଶିବାସନ ଉପଯୋଗୀ। ଏଥି ସହିତ କପାଳଭାତି, ଉଷ୍ଟିକା ପ୍ରାଣାୟାମ ଏବଂ ଅଗ୍ନିସାର କ୍ରିୟା ମଧ ଲାଭକାରୀ।

ମଧୁମେହ ଆଜି ମାରାତ୍ମକ ରୋଗରେ ପରିଣତ ହୋଇଛି। ଖାଦ୍ୟପେୟର ସଂଯମ ଓ ଜୀବନ ଯାପନ ଶୈଳୀକୁ ସଠିକ ରଖି ମାସରେ ଥରେ ଶଙ୍ଖପ୍ରକ୍ଷ୍ୟାଳନ କଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ। ବଜ୍ରାସନ, ସିଦ୍ଧାସନ, ଗୋମୁଖାସନ, ସର୍ବାଙ୍ଗାସନ ଓ ପବନମୁକ୍ତାସନର ନିତ୍ୟ ଅଭ୍ୟାସ ଅତ୍ୟନ୍ତ ଜରୁରୀ। ଏହି ରୋଗ ପାଇଁ ମୂଳବନ୍ଧ, ନାଡ଼ିଶୋଧନ ତଥା ଶୀତଳୀ ପ୍ରାଣାୟାମ ଅଭ୍ୟାସ ଅତି ଲାଭକାରୀ। ସବୁଠୁ ଅତ୍ୟନ୍ତ ସହଜ ସରଳ ଅଭ୍ୟାସ ହେଲା ପ୍ରାତଃ ଭ୍ରମଣ। ବିଶ୍ୱରେ ପୃଥୁଳତା ବା ମୋଟାପା ରୋଗ ଦିନକୁ ଦିନ ବଢ଼ିବାକୁ ଲାଗିଛି। ପ୍ରାକୃତିକ ଜୀବନ ଯାପନ ସହ ଖାଦ୍ୟ ନିୟନ୍ତ୍ରଣ ଓ ପ୍ରାତଃ ଭ୍ରମଣ ଅତି ଜରୁରୀ। କୁଞ୍ଜଳ କ୍ରିୟା, ଶଙ୍ଖପ୍ରକ୍ଷ୍ୟାଳନ ଓ ବସ୍ତିକ୍ରିୟା ଅଭ୍ୟାସ ଦରକାର। ତାଡ଼ାସନ, କଟିଚକ୍ରାସନ, ତ୍ରିକୋଣାସନ, ସର୍ବାଙ୍ଗାସନ, ହଳାସନ, ଭୁଜଙ୍ଗାସନ, ଧନୁରାସନ - ଉଷ୍ଟ୍ରାସନ ସହିତ ପ୍ରତ୍ୟହ ସୂର୍ଯ୍ୟ ନମସ୍କାର ବହୁ ଲାଭକାରୀ। କପାଳଭାତି ପ୍ରାଣାୟାମ ଓ ଅଭିସାର କ୍ରିୟା ଜରୁରୀ। ଉଦରଶକ୍ତି ଓ କଟି ଶକ୍ତିକୁ ବିକାଶ କରୁଥିବା ସୂକ୍ଷ୍ମ ବ୍ୟାୟାମ ବିଶେଷ ଲାଭପ୍ରଦ ହୋଇଥାଏ। ବେକ ଯନ୍ତ୍ରଣା ଓ ସର୍ଭାଇକାଲ ସ୍ପୋଣ୍ଡିଲୋସିସ ଓ ଆଣ୍ଠୁ ଯନ୍ତ୍ରଣା ଯାହାକି ସାଧାରଣ ଭାବେ ବେକ ହାଡ଼ ଓ ଅଣ୍ଟା ହାଡ଼ର ରୋଗକୁ ବୁଝାଏ। ଏହି ରୋଗ ହେଲେ ଏଭଳି ଅସାନ କରିବା ଉଚିତ ଯାହା ଆଗକୁ ନଇଁବାକୁ ହୁଏ ନାହିଁ। ଅର୍ଥାତ୍ ପଛ ଭାଗକୁ ମୋଡ଼ି ହେବା ଆସନ ଯଥା ଭୁଜଙ୍ଗାସନ, ଧନୁରାସନ, ଗୋମୁଖାସନ, ତାଡ଼ାସନ, କଟିଚକ୍ରାସନ, ତ୍ରିକୋଣାସନ ଇତ୍ୟାଦି ଲାଭକାରୀ। ଦୀର୍ଘ ଶ୍ୱାସ ପ୍ରଶ୍ୱାସ ନେବା ସବୁଠୁ ଭଲ। ନାଡ଼ିଶୋଧନ, ପ୍ରାଣାୟାମ ସହ ବେକ ଓ ଅଣ୍ଟାର ବ୍ୟାୟାମ ଗୁଡ଼ିକୁ ସବୁଠୁ ଉତ୍ତମ। ଏ ସବୁ ଆସନ ଓ ପ୍ରାଣାୟମକୁ ଏକ ନିର୍ଦ୍ଦିଷ୍ଟ ଅନୁଶାସନ ମଧରେ ରଖିବା ସହ କମ ବୟସ କିମ୍ବା ଅଧିକ ବୟସ୍କ ମାନଙ୍କ ପାଇଁ କଠିନ ଆସନ କରିବା ଅନୁଚିତ। ସୂର୍ଯ୍ୟୋଦୟ ପୂର୍ବରୁ ଏବଂ ସୂର୍ଯ୍ୟାସ୍ତ ସମୟରେ ଖୋଲା ଯାଗାରେ, ଢ଼ିଲା ପୋଷାକ ପରିଧାନ କରି ଚଟାଣରେ କମ୍ବଳ କିମ୍ବା ଜରି ଉପରେ ଖାଲି ପେଟରେ ଆସନ ପ୍ରାଣାୟାମ ଅଭ୍ୟାସ କରିବା ଉଚିତ। ଉପଯୁକ୍ତ ନିୟମ ସହ ସ୍ଥିର ଭାବରେ ଓ ସୁଖପ୍ରଦ ଭାବରେ ସର୍ବୋପରି ଉପଯୁକ୍ତ ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶରେ ହିଁ ଆସନ ଅଭ୍ୟାସ କରିବା ଉଚିତ।

# ରାଷ୍ଟ୍ରପତି ରେସ ଓ ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ



ବାଦଲ ଭୂୟାଁ
ଦୂରଭାଷ : ୭୪୮୮୯୯୮୫୩୨

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପ୍ରତ୍ୟାଶିତ ନିଷ୍ପତ୍ତି ନେବାରେ ମାହିର। ସାଧାରଣରେ ପରିଚିତ ନଥିବା ଅନେକ ନୂଆ ଚେହେରାଙ୍କୁ ସାମ୍ନାକୁ ସେ ଆଣିଥାନ୍ତି। ଏ କ୍ଷେତ୍ରରେ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର। ତାଙ୍କ ରାଜନୈତିକ ବିଚକ୍ଷଣତା ହିଁ ବିଜେପିର ବଡ଼ ଶକ୍ତି। ତେବେ ଏହା ଭିତରେ ରାଜନୈତିକ ପାଣିପାଗ ସରଗରମ ହୋଇ ଉଠିଲାଣି ଭାରତର ଆସନ୍ତା ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ନେଇ। କିଛି ଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ସମର୍ଥନ ନେଇ ପ୍ରଶ୍ନ ପଚରାଯିବାରୁ ସେ ଉତ୍ତର ଦେଇଥିଲେ ପ୍ରାର୍ଥୀ ଦେଖି ଦଳ ନିଷ୍ପତ୍ତି ନେବ। ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ବିଜେପିର ସମର୍ଥିତ ପ୍ରାର୍ଥୀ, ଏନଡିଏ ମେଣ୍ଟରୁ ବିଜୟୀ ହେବା ସୁନିଶ୍ଚିତ। ତେବେ ଏହା ଭିତରେ ରାଜନୈତିକ ସମୀକ୍ଷକ ଓ ଗଣମାଧମ ମହଲରେ ଏକ ବଡ଼ ଖବର ଜାତୀୟ ରାଜନୀତିକୁ ସରଗରମ କରିଦେଇଛି। ଭାରତର ପରବର୍ତ୍ତୀ ରାଷ୍ଟ୍ରପତି ନେଇ କଳ୍ପନା ଜଳ୍ପନାର ଗୁଡ଼ି ଉଡୁଥିବା ବେଳେ କ୍ଷମତାସୀନ ଏନଡିଏ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ତଲାସରେ ଅଛି। ଯାହାଙ୍କ ନିର୍ମଳ, ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ଅନ୍ୟ ଆଞ୍ଚଳିକ ଦଳ ପାଖରୁ ସମର୍ଥନ ଆଣି ପାରିବ ଏହାକୁ ନେଇ ଦଳ ଯେଉଁ ବିଚାର କରୁଛି ତା ଭିତରେ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଓଡ଼ିଶାର ବରିଷ୍ଠ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାଁ ଉଠୁଛି। ତାଙ୍କ ବ୍ୟକ୍ତିତ୍ୱ, ଭାବମୂର୍ତ୍ତି, ଅଭିଜ୍ଞତା, ଯୋଗ୍ୟତା ଓ ସରଳତା ସବୁ ଦୃଷ୍ଟିରୁ ସେ ଅନ୍ୟ ଦଳ ମାନଙ୍କର ନିଃସର୍ଥ ସମର୍ଥନ ପାଇପାରିବେ ବୋଲି ରାଜନୈତିକ ସମୀକ୍ଷକ ମାନଙ୍କ ମତ।

ରାଜନୀତିକୁ ଆସିବା ପୂର୍ବରୁ କିଛି ଦିନ ଶିକ୍ଷକତା କରିଥିଲେ। ଓଡ଼ିଶାରେ ବିଜେଡ଼ି ବିଜେପି ମେଣ୍ଟ ସରକାର ସମୟରେ ବିଜେପିର ବିଧାୟିକା ଭାବେ ଲଢ଼ି ନବୀନ ବାବୁଙ୍କ କ୍ୟାବିନେଟରେ ପରିବହନ ବିଭାଗର ଦାୟିତ୍ୱରେ ଥିଲେ। କୁହାଯାଏ ନବୀନ ବାବୁଙ୍କ ସହ ତାଙ୍କର ସମ୍ପର୍କ ଖୁବ ଭଲ ଏବଂ ଝାଡ଼ଖଣ୍ଡ ରାଜ୍ୟପାଳ ବେଳେ ସେଠାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଓ ଏହାର ସୁପ୍ରିମୋ ଶିବୁ ସୋରେନ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି। ବିଜେପିର ଶୀର୍ଷ ନେତୃବୃନ୍ଦ ନରେନ୍ଦ୍ର ମୋଦି, ଅମିତ ଶାହା, ଲାଲକୃଷ୍ଣ ଆଡ଼ଭାନୀ ଓ ଅନେକ ବଡ଼ ବଡ଼ ନେତା ମାନଙ୍କ ସହ ତାଙ୍କ ସମ୍ପର୍କ ଖୁବ ଭଲ। ସେମାନେ ଦ୍ରୌପଦୀ ମୁର୍ମୁଙ୍କୁ ଅତ୍ୟନ୍ତ ସମ୍ମାନ କରନ୍ତି। ଦ୍ରୌପଦୀ ମୁର୍ମୁ ଯଦି ବିଜେପିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୁଅନ୍ତି ତେବେ ବିଜେଡ଼ି ସହିତ ଜେଏମଏମ ମଧ ନିଶ୍ଚିନ୍ତ ସମର୍ଥନ କରିବ ବୋଲି ଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସେ ସମସ୍ତଙ୍କ ସହ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସୁସମ୍ପର୍କ ରଖିଥିଲେ। ତେବେ ଦ୍ରୌପଦୀ ମୁର୍ମୁ ବିଜେପିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଭାରତର ତମାମ ଆଦିବାସୀ ନେତା ମାନଙ୍କ ସମର୍ଥନ ପାଇପାରିବେ ଏହା ସହ ଅନ୍ୟ ଆଞ୍ଚଳିକ ଦଳମାନେ ପ୍ରକାରନ୍ତେରେ ବାଧ ହେବେ ତାଙ୍କୁ ସମର୍ଥନ କରିବା ପାଇଁ। ତୃଣମୂଳ କଂଗ୍ରେସର ବିଜେପି ସହ ଅହି-ନକୁଳ ସମ୍ପର୍କ ଥିବାବେଳେ ତୃଣମୂଳର ସୁପ୍ରିମୋ ମମତା ବାନାର୍ଜୀ ଜଣେ ମହିଳା ହୋଇଥିବାରୁ ସେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନେଇ ଦୋଛକିରେ ପଡ଼ିଯିବେ ଏବଂ ସମର୍ଥନ ନ ଦେଲେ ତୃଣମୂଳ କଂଗ୍ରେସ ପାଇଁ ଏହା ଘାତକ ସାବ୍ୟସ୍ତ ହେବ।

ସେହିପରି ରାଜନୈତିକ ସମୀକ୍ଷକମାନଙ୍କ ମତ ଯେ ବିଜେପି ତାଙ୍କୁ ପ୍ରାର୍ଥୀ କଲେ ଓଡ଼ିଶା ରାଜନୀତିକୁ ନେଇ ଏକ ବଡ଼ ଗେମ ପ୍ଲାନ କରିବ। ଆସନ୍ତା ୨୦୨୪ ଓଡ଼ିଶା ରାଜନୀତିକୁ ଏହି ଘଟଣା ବଡ଼ ରାଜନୈତିକ ଘଟଣା ବହୁଳ ହେବ। କାରଣ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରି ଓଡ଼ିଶାବାସୀଙ୍କ ମନ ଜିଣିବାରେ ବିଜେପି ସମର୍ଥ ହେବ। ଓଡ଼ିଶାରେ ବିଜେପିର କାୟା ଦିନକୁ ଦିନ ବଢୁଛି। କଂଗ୍ରେସକୁ ହଟାଇ ଦ୍ୱିତୀୟ ଦଳ ଭାବେ ବିରୋଧୀ ଦଳର ମର୍ଯ୍ୟାଦା ପାଇଛି ତେବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ବିଜେପି ପାଇଁ ଏକ ବଡ଼ ଭୋଟବ୍ୟାଙ୍କ ସୃଷ୍ଟି କରିବ। ଏହାବି ହୋଇପାରେ ବିଜେପି ଶାସନ ଗାଦିକୁ ଆସିପାରେ କିମ୍ବା ବିଜେଡ଼ି ସହ ଏକ ଗଠବନ୍ଧନ ମଧ କରିପାରେ। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବସିବାରେ ସେ ହେବେ ପ୍ରଥମ ଓଡ଼ିଆ ଓ ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ରାଷ୍ଟ୍ରପତି ପ୍ରାର୍ଥୀ ରେସରେ ଦ୍ରୌପଦୀଙ୍କ ନାଁ ଚର୍ଚ୍ଚାକୁ ଉଠିବା ବେଳେ କେବଳ ମୟୂରଭଞ୍ଜବାସୀ ନୁହଁନ୍ତି ଓଡ଼ିଶା ସହ ଝାଡ଼ଖଣ୍ଡବାସୀଙ୍କ ଭିତରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ସେ ଏଠାରେ ଥିବା ପ୍ରବାସୀ ଓଡ଼ିଆଙ୍କ ମନ ଜିଣିଥିଲେ। କୁହାଯାଏ ରାଜନୀତି କ୍ରିକେଟ ଓ ପାଣିପାଗକୁ ନେଇ କିଛି ଆଗୁଆ କୁହାଯାଇପାରେନା। ତେବେ ଜଣେ ଓଡ଼ିଆ ଭାବେ ଦ୍ରୌପଦୀ ମୁର୍ମୁଙ୍କ ଆଦିବାସୀ ପ୍ରାର୍ଥୀତ୍ୱକୁ ନେଇ କୋଟି କୋଟି ଓଡ଼ିଶାବାସୀଙ୍କ ସହ ଏହି ଲେଖକ ମଧ ଗର୍ବିତ।

# ଖୋର୍ଦ୍ଧା ଜିଲ୍ଲାପାଳ ଡାକ୍ତରଖାନା ଦେଖି ଚମକିଲେ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଖୋର୍ଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏତେ ଅବ୍ୟବସ୍ଥା ଏସବୁର ସମାଧାନ କାହିଁକି ହେଉନାହିଁ ? ଏହା କୌଣସି ସାଧାରଣ ବ୍ୟକ୍ତିର ପ୍ରଶ୍ନ ନୁହେଁ। ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ କେ . ସୁଦର୍ଶନ ଚକ୍ରବର୍ତ୍ତୀ ଗତକାଲି ଅଚାନକ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିବା ବେଳେ ଚିକିତ୍ସାଳୟ ଗସ୍ତ କରିବା ବେଳେ ଚିକିତ୍ସାଳୟରେ ଅସଂଖ୍ୟ ଅବ୍ୟବସ୍ଥା ଦେଖି ଅଚମ୍ଭିତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପରିଚାଳନକ ଓ ଅନ୍ୟ ବରିଷ୍ଠ ସ୍ୱାସ୍ଥ୍ୟା ଧିକାରୀ ଏଭଳି ପ୍ରଶ୍ନ ପଚାରିଛନ୍ତି। ୨୩ତାରିଖରେ ବାଲେଶ୍ୱରରୁ ବଦଳି ହୋଇ ଆସିଥିବା ଜିଲ୍ଲାପାଳ କେ. ସୁଦର୍ଶନ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଭାବେ ଦାୟିତ୍ୱ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟାଳୟରେ ଯୋଗ ଦେଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଥିଲେ। ଏହାପରେ ପୁଣି ଗତକାଲି ରାତି ପ୍ରାୟ ସାଢେ ୮ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ଗସ୍ତ କରିଥିଲେ। ପ୍ରଥମେ ମାତୃ ଓ ଶିଶୁ କେନ୍ଦ୍ର ପରିଦର୍ଶନ କରିଥିଲା ସେଠାରେ ରୋଗୀଙ୍କ ସମ୍ପର୍କୀ ୟ ତଳେ ବସିଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ



ବସିବା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ କହିଥିଲେ। ଏହାସହ ବିଭିନ୍ନ ଓାର୍ଡ ଗସ୍ତ କରିଥିଲେ। ଅଧିକାଂଶ ଓାର୍ଡ ବନ୍ଦ ଥିବା ବେଳେ ପ୍ରକୋଷ୍ଠ ଗୁଡିରେ ରୋଗୀଙ୍କ ବଦଳରେ ଚିକିତ୍ସାଳୟରେ ସାମଗ୍ରୀ ରଖାଯାଇଥିବା ଦେଖି ଚିକିତ୍ସାଳୟ କର୍ତ୍ତୃପକ୍ଷରୁ ତାଗିଦ୍ କରିଥିଲେ। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପ୍ରକୋଷ୍ଠ ଗୁଡିକ ତୁରନ୍ତ ଖାଲି କରି ରୋଗୀଙ୍କ ରହିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓାର୍ଡ ଗୁଡିକର ପରିମଳ ବ୍ୟବସ୍ଥା ସଠିକ୍ ନଥିବା ଶଯ୍ୟାରେ ଥିବା ବେଡ୍‌ସିଟ୍ ସଫା ହୋଇନଥିବା ଚିକିତ୍ସାଳୟରେ ଥିବା ପିଇବା ପାଣି ଯନ୍ତ୍ର ଭଙ୍ଗାରୁଜା ହୋଇପଡିଥିବା ଦେଖି ଚିକିତ୍ସାଳୟ ପରିଚାଳକଙ୍କୁ କଡା ସମାଲୋଚନା କରିଥିଲେ। ଏହାପରେ ଚିକିତ୍ସାଳୟରେ ଅଧିକାରୀଙ୍କୁ ନେଇ ଆଲୋଚନା କରିବା ସହ ଚିକିତ୍ସାଳୟର ଆନୁସଙ୍ଗିକ ସମସ୍ୟା ସମ୍ପର୍କରେ ପୂର୍ଣ୍ଣାଙ୍ଗ ବୀବରଣୀ ତୁରନ୍ତ ଦେବା ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡଃ ଆର୍ତ୍ତବନ୍ଧୁ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତବେଳେ ସାଥିରେ ଉପଜିଲ୍ଲାପାଳ ଗୌରବ ଶିବାଜୀ ଇସାଲଓାର ଡିଏମଓ ଡଃ ବିଶ୍ୱମୋହନ ମିଶ୍ର ଡିପିଏମଓ ପ୍ରକାସ ବାନାର୍ଜୀ ହସ୍ପିଟାଲ ପରିଚାଳକ ଡଃ ବିନାୟକ ପାଣିଗ୍ରାହୀ ଓ ସଙ୍ଗୀତା ସାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବୋକା ଶିକ୍ଷକଙ୍କ ୩୪ଲକ୍ଷ ଟଙ୍କା ଗଲା

**ଭଦ୍ରକ(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲା ବାସୁଦେବ ପୁର ଅଂଚଳରୁ ଏହିଭଳି ଏକ ଠକକୁ ପୋଲିସ୍ ଆଜି ଗିରଫ କରିଛି। ଏହାସହ ପୋଲିସ୍ ସେହି ଠକ୍ ପାଖରୁ ନଗଦ ୪୦ହଜାର ଟଙ୍କା ସହିତ ସୁନା ଗହଣା ଓ ଗାଡିକୁ ମଧ ଜବତ କରିଛି। ପୋଲିସର ସୂଚନା

## ଫେସବୁକ୍‌ର ଫେକ୍ ଆଇଡି କାଳ

ଭଦ୍ରକ ସାବରଙ୍ଗ ଅଂଚଳର ସହିଦ ରନଠାକର ମହାପାତ୍ରଙ୍କ ପୁଅ ସୌଭାଗ୍ୟ ରଞ୍ଜନ ମହାପାତ୍ର ସୁନ୍ଦରଗଡ ଜିଲ୍ଲାରେ ଶିକ୍ଷକ ଭାବେ ଚାକିରୀ କରିଛନ୍ତି। ଜୟପୁର ଅଂଚଳର ସଂଗ୍ରାମ କେଶରୀ ବାରିକ ନାମକ ଯୁବକ ପ୍ରଥମେ ସହିଦ ରନଠାକରଙ୍କ ସ୍ତ୍ରୀ ସୌଦାମିନୀ ମହାପାତ୍ରଙ୍କୁ ଫୋନ କରି ତାଙ୍କ ନିଜ ଅଂଚଳକୁ ସ୍ପେସିଆଲ୍ ଟ୍ରାନ୍ସଫର କରେଇ ଦେବ ବୋଲି କହିଥିଲା ସେ ଶିକ୍ଷା ବିଭାଗର ସେକ୍ସନ ଅଫିସର ଅଛି ବୋଲି ପରିଚୟ ମଧ ଦେଇଥିଲା ସେଥିପାଇଁ ପ୍ରଥମେ ୫ଲକ୍ଷ୍ୟ ଟଙ୍କା ଲାଗିବ ବୋଲି କହିଥିଲେ। ପରେ



ପରେ ବଦଳି ନିୟମ ଚେଞ୍ଜ ହୋଇଛି ବୋଲି କହି ସୌଦାମିନୀଙ୍କ ଠାରୁ ଆହୁରି ୯୨ଟି ଫେଜରେ ଅନଲାଇନ ମାଧ୍ୟମରେ ୩୪ଲକ୍ଷ ୮ହଜାର ୮୧୫ଟଙ୍କା ଠକେଇ ନେଇ ଯାଇଥିଲା ସେହି ଟଙ୍କାରେ ସଂଗ୍ରାମ ଏକ ସ୍କୋଡା ରାପିଡ କାର କିଣିବା ସହ ବିଭିନ୍ନ ସୁନା ଗହଣା କିଣିବା ସହ ଭବେଶ୍ୱରରେ ବଡ ବଡ ହୋଟେଲରେ ଅୟସ କରିଥିଲେ ହେଲେ ବଦଳୀ ଆଦେଶ ଶେଷ ପର୍ଯ୍ୟନ୍ତ ଦେଇପାରିନଥିଲା। ତେଣୁ ଯେତେବେଳେ ସମସ୍ତ ଟଙ୍କା ନେବା ପରେ ଚାକିରୀ ଟ୍ରାନ୍ସଫର ଅର୍ଡର ମାଗିବା ସମୟରେ ସୌଦାମିନୀ ତାଙ୍କ ପୁଅ ସୌଭାଗ୍ୟ ସାବରଙ୍ଗ ଥାନାରେ ଲିଖିତ ଭାବେ ଜଣାଇଥିଲେ। ସାବରଙ୍ଗ ପୋଲିସ ଓ ଗ୍ରାମଂଚଳ ପୋଲିସ ଏହି ଘଟଣା ର ତଦନ୍ତ କରି ଠକ ସଂଗ୍ରାମ କେଶରୀକୁ ବାସୁଦେବପୁର ଅଂଚଳରୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ସ୍କୋଡା ରାପିଡ କାର ନଗଦ୪୦ହଜାର ଟଙ୍କା ୧୩୫ ଗ୍ରାମର ସୁନା , ମୋବାଇଲ ଫୋନ ସହ ବିଭିନ୍ନ ବ୍ୟାଙ୍କ ପାସବୁକକୁ ଜବତ କରିଛି ପୋଲିସ ଏହି ଠକେଇରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେଥିପାଇଁ ପୋଲିସ ଅଧିକ ତଦନ୍ତ କରୁଥିବା କହିଛନ୍ତି ଭଦ୍ରକ ଏସଡିପିଓ ପ୍ରକାଶ ପାଲ।

# ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବାରିପଦା ଗସ୍ତରେ ଯାଇ ସଦର ମହକୁମାସ୍ଥ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଉଥିବା ଜିଲ୍ଲା ପ୍ରଧାନଶିକ୍ଷକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି। ଗୁଣାତ୍ମକ ଶିକ୍ଷା ପ୍ରଧାନଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ସଫଳ କାର୍ଯ୍ୟକାରିତାରେ ପ୍ରଧାନଶିକ୍ଷକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି।




ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଯେଉଁ ସ୍ୱପ୍ନ ରହିଛି ତାହା ପୂରଣ କରିବା ଦିଗରେ ମନ୍ତ୍ରୀ ଶ୍ରୀ ଦାଶ ପ୍ରଧାନଶିକ୍ଷକମାନଙ୍କ ସହଯୋଗ କାମନା କରିଥିଲେ। ଏତଦ୍‌ଭିନ୍ନ ଅନୁକମ୍ପାମୂଳକ ନିଯୁକ୍ତି ଏବଂ ଠିକ୍ ସମୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଯୁକ୍ତିକରଣ ମାଧ୍ୟମରେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟକୁ ଅଧିକ ଶିକ୍ଷକ ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କୁ ମନ୍ତ୍ରୀ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ।

ଏଥିରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍, ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବିଧାୟକ ଉଦଳା ଭାସ୍କର ମଢେଇ, ମୋରଡା ବିଧାୟକ ରାଜକିଶୋର ଦାଶ, ବଡସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପାଳ ଭୀନିତ ଭରଦ୍ୱାଜଙ୍କ ସମେତ ଜିଲ୍ଲାର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ସିମୁଳିଆ କଲେଜ୍ ଛାତ୍ରୀଙ୍କୁ କମେଣ୍ଟ୍, ପୋଲିସ୍ ଚୁପ୍

**ସିମୁଳିଆ(ସଂପର୍କବାର୍ତ୍ତା):-** କୁନ୍ତଳାକୁମାରୀ ମହାବିଦ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣକୁ ନେଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ସିମୁଳିଆ



ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବରିଅଂଳରେ ଥିବା କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟ ପରିସରକୁ ଲାଗି ପଂଚାୟତ ପକ୍ଷରୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ କମ୍ୟୁନିଟି ସାନିଟାରୀ କମ୍ପ୍ଲେକ୍ସ ସ୍କିମ୍ରେ ଏହି ଘଟଣାକୁ ନେଇ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଓ କଲେଜ ଅଧ୍ୟକ୍ଷ ଭଗବାନ ଚରଣ ସାହୁ ସିମୁଳିଆ ଥାନାରେ ଅଭିଯୋଗ ପତ୍ର ଦାଏର କରିଛନ୍ତି। ଏଥି ସହିତ କଲେଜ ସମ୍ମୁଖରେ ଏକ ଦୋକାନ ହେବା ଯୋଗୁଁ ଅସାମାଜିକ ବ୍ୟକ୍ତିମାନେ କଲେଜକୁ ଆସୁଥିବା ଛାତ୍ରୀମାନେ ଅଶ୍ଳୀଳ ଇଙ୍ଗିତ କରୁଥିବା ବିଷୟ ମଧ କଲେଜ ଅଧକ୍ଷକ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ସିମୁଳିଆ ପୁଲିସ ଘଟଣା ତଦନ୍ତ କରୁଥିବା ବେଳେ ବରି ପାଂଥାୟତ ସରକାରୀ ଜାଗା ନଥିବାରୁ ଆଦିବାସୀ ନିମନ୍ତେ ଏହି ଜାଗାକୁ ଚୟନ କରାଯାଇଥିବା ପଂଚାୟତ ପକ୍ଷରୁ କୁହାଯାଇଛି।

# ଠିକାଦାରଙ୍କ ଅବହେଳାରୁ ୪ଶିଶୁ ମୃତ

**କୋରାପଟୁ(ସଂପର୍କବାର୍ତ୍ତା):-** କୋରାପୁଟ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଦଶମନ୍ତପୁର ବ୍ଲକ ମାଝୀଗୁଡା ଗାଁରେ ଘଟିଛି ଦୁଃଖଦ ଘଟଣା ରାସ୍ତା ନିର୍ମାଣ ପାଇଁ ଖୋଳା ଯାଇଥିବା ଗାତରେ ଜମିଥିବା ପାଣିରେ ବୁଡି ୪ଜଣ ଛୋଟ ପିଲାମାନଙ୍କ ଜୀବନ ଯାଇଛି ମୃତକ ମଧ୍ୟରେ ୩ଜଣ ଝିଅ ଓ ଜଣେ ପୁଅ ଅଛନ୍ତି ମୃତକଙ୍କ ବୟସ ୫ରୁ ୭ବର୍ଷ ମଧ୍ୟରେ ହେବ। ଘଟଣା ପରେ ପୂରା ଗାଁରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ପୂରା ଗାଁ ରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦଶମନ୍ତପୁର ବ୍ଲକର ପାଇକ ଫୁଲବେଡା ନିକଟରେ ଏହି ଅଘଟଣ ଘଟିଛି ଓଡପୁର ମାଝୀଗୁଡା ଗାଁ ମଧ୍ୟରେ ଏବେ ଭାରତମାଳା ପ୍ରକଳ୍ପ ଅଧୀନରେ ରାସ୍ତା ନିର୍ମାଣ କାମ ଚାଲିଛି । ଏଥିପାଇଁ ଠିକାଦାର ଜଣଙ୍କ ଜେସିବି ଦ୍ୱାରା ମାଟି ଖୋଳି ଗାତ କରିଥିଲେ। ଗତକାଲି ରାତିରେ ପ୍ରବଳ ବର୍ଷା ହେବାରୁ ଗାତରେ ପାଣି ଭର୍ତ୍ତି



ହୋଇଯାଇଥିଲା ଆଜି ସକାଳୁ କିଛି ଛୋଟ ପିଲା ଉକ୍ତ ଗାଢ ନିକଟରେ ଥିବା ଉଚ୍ଚସ୍ଥାନରେ ଖେଳୁଥିଲେ। କିନ୍ତୁ ଖେଳିବା ବେଳେ ଅସାବଧାନତା ଯୋଗୁଁ ପାଣି ଭର୍ତ୍ତି ଗାତ ମଧକୁ ଖସି ପଡିଥିଲେ। ଗାଁ ଲୋକମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କିନ୍ତୁ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚିଲା ବେଳକୁ ଗାଁ ଲୋକମାନେ ଗାତ ମଧ୍ୟରୁ ୪ଜଣଙ୍କୁ ଉଦ୍ଧାର କରି ସାରିଥିଲେ । ଘଟଣା ସ୍ଥଳରେ ୨ଜଣ ଜୀବନ ଯାଇଥିବାବେଳେ ୪ଜଣ ପିଲା ଖସି ପଡିଥିଲେ ନା ଏହି ସଂଖ୍ୟା ଅଧିକ ରହିଥିଲା, ସେକଥା ଜଣାପଡିନି। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଗାତରୁ ପାଣି ବାହାର କରି ଉଦ୍ଧାର କାର୍ଯ୍ୟକ ଜୋରଦାର କରିଛନ୍ତି। ଉଦ୍ଧାର କାର୍ଯ୍ୟ ପରେ ବିସ୍ତୃତ ତଥ୍ୟ ପ୍ରଶାସନ ପକ୍ଷର ଦିଆଯିବ ବୋଲି ଜଣାପଡିଛି। ଘଟଣାସ୍ଥଳରେ କୋରାପୁଟ ଏସଡିଓ ପଲିସ ପହଂଚି ତଦନ୍ତ କରିଛନ୍ତି।

# ପୁରୀ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗର ଚିଠି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦେଶ ତଥା ରାଜ୍ୟରେ କୋଭିଡ ସଂକ୍ରମଣ ବଢୁଛି। ରଥଯାତ୍ରାରେ ପୁରୀରେ ପ୍ରବଳ ଜନସମାଗମ କରାଯାଇଛି ଏହାକୁ ନଜରରେ ରଖି ସର୍ଭଲାନ୍ ସ ଟେଷ୍ଟିଂ ବଢାଇବାରୁ ପୁରୀ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ଚିଠିରେ କୁହାଯାଇଛି ଯେ ଆଇସିଏମ୍‌ଆର ଗାଇଡାଲାଇନ୍ ଅନୁଯାୟୀ ଏଲଆଇ । ଏସ୍‌ଏଆରଆଇ ସର୍ଭେଲାନ୍ ଓ ସହିତ ଟେଷ୍ଟିଂ ବଢାଯାଉ। ସତନ୍ତ୍ର କ୍ୟାମ୍ପ ଜରିଆରେ ଦ୍ୱିତୀୟ ଡୋଜ୍ ଓ ପ୍ରିକସନ୍ ଡୋଜ୍ ଟିକାକରଣ ବଢାଇବା ସହିତ ଫାଷ୍ଟ ଏଡ୍ ସେଣ୍ଟରରେ ଯଥେଷ୍ଟ ପରିମାଣର ମାସ୍କ ଓ ସାନିଟାଇଜର ମହଜୁଦ ରଖାଯାଉ ଲକ୍ଷଣ ଥିବାଓ ଯେଉଁମାନେ ନିଜର ପରୀକ୍ଷା କରିବାକୁ



ଚାହୁଁଛନ୍ତି ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ସହିତ କୋଭିଡ ସଂପର୍କିତ ସଚେତନା ପାଇଁ ସର୍ବସାଧାରଣ ସ୍ଥାନରେ ଏଲଇଡିର ବ୍ୟବସ୍ଥା କରାଯାଉ କୋଭିଡ କେୟାର ସେଣ୍ଟର ବା ସିସିସିରେ ଆବଶ୍ୟକ ଅକ୍ସିଜେନ୍ ବେଡ୍ ଆଇସିୟୁ । ଏଚ୍‌ଡିୟୁ ପ୍ରସ୍ତୁତ ରଖିବା ଲାଗି ବିଭାଗ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷରେ କୋଭିଡ ସର୍ଭେଲାନ୍‌ସ ବଢାଇବା ଲାଗି ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ କମିସନରଙ୍କୁ ମଧ ଚିଠି ଜାରି ହୋଇଛି। ଅପରପକ୍ଷରେ ରାଜ୍ୟରେ ଗତ ୨୪ଘଣ୍ଟାରେ ୬୨ଜଣ କୋଭିଡ ଆକ୍ରାନ୍ତଙ୍କ ଚିହ୍ନଟ କରାଯାଇଛି ।ଖୋର୍ଧାରୁ ସର୍ବାଧିକ ୩୭କଟକ ୮, ବାଲେଶ୍ୱର , ସୁନ୍ଦରଗଡରୁ ୨ଲେଖାଏ ଜଗତସିଂହପୁର , ଝାରସୁଗୁଡା , କୋରାପୁଟ, ପୁରୀରୁ ଜଣେ ଲେଖାଏ ଓଷ୍ଟେଟ୍ ପୁଲରୁ ୯ଆକ୍ରାନ୍ତ ବାହାରିଛନ୍ତି। ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨,୮୯,୧୨୧କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଆଜି ରାଜ୍ୟରେ ୪୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ରାଜ୍ୟରେ ଏବେ ୩୬୫ଜଣ ଚିକିତ୍ସାଧୀନ ରୋଗୀ ରହିଛନ୍ତି।

# କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁନି ପୂର୍ତ୍ତବିଭାଗ

**କଟକ(ସଂପର୍କ ବାର୍ତ୍ତା):-** ନୁଆପଡାସ୍ଥିତ ଉତ୍କଳ ବାଳାଶ୍ରମର ଉନ୍ନତିକରଣ ହେବ । ପରିସରକୁ ସୌନ୍ଦର୍ଯ୍ୟକରଣ କରାଯିବ । ସ୍ନାନାଗାର ଓ ପୋଖରୀ ପାଚେରି ମଧ ନିର୍ମାଣ କରାଯିବ। ଜିଲ୍ଲାପାଳ ବାଳାଶ୍ରମର ସ୍ଥିତି ଅନୁଧ୍ୟାନ କରିବା ପରେ ଏମିତି କିଛି ପ୍ରତିଶ୍ରୁତି ଦେଇଥିଲେ । ହେଲେ କେବଳ ରାସ୍ତା ଓ ପାଚେରି ନିର୍ମାଣରେ ଅଟକିଛି ଯୋଜନା ।

ନୁଆପଡାସ୍ଥିତ ଉତ୍କଳ ବାଳାଶ୍ରମରେ ୧୨୦ରୁ ଅଧିକ ପିଲା ରହନ୍ତି । ଦୃଷ୍ଟିହୀନ ବିଦ୍ୟାଳୟରେ ୫୦ ଓ ବଧିର ବିଦ୍ୟାଳୟରେ ୪୦ ରୁ ୫୦ ଜଣ ପିଲା ପଢୁଛନ୍ତି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନ ଦାୟିତ୍ୱରେ ଅଛନ୍ । ହେଲେ ଦୀର୍ଘ ବର୍ଷ ହେଲା ଉକ୍ତ ବିଦ୍ୟାଳୟର ଅନ୍ତେବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ୨୦୧୪ରେ ଜଣେ ଦୃଷ୍ଟିହୀନ ଛାତ୍ର ବାଳାଶ୍ରମ ପରିସରରେ ଥିବା ପୋଖରୀରେ ବୁଡି ମୃତ୍ୟୁବରଣ କରିବା ପରେ ୨ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଏହାକୁ ଅଧାପନ୍ତାରିଆ ଭାବେ ଛାଡି ଦିଆଯାଇଛି। ଯେତିକି ପାଚେରି ନିର୍ମାଣ ହୋଇଛି ତାହା ପୋଖରୀକୁ ସଂପୂର୍ଣ୍ଣ ଆବଦ୍ଧ କରିପାରୁନି । ଯାହାଫଳରେ ଦୃଷ୍ଟିହୀନ ବିଦ୍ୟାଳୟ ପିଲାଙ୍କ ପାଇଁ ବିପଦ ଆଶଙ୍କା ରହିଛି। ପୂର୍ବତନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ରଙ୍ଗନାଥ ମିଶ୍ରଙ୍କ ସାଂସଦ ପାଣ୍ଠିରୁ ୨ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟରେ ୧୦ଟି ସ୍ନାନାଗାର ନିର୍ମାଣ କରାଯାଇଥିଲା । ମାତ୍ର ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏ ସବୁ ବନ୍ଦ ହୋଇରହିଛି । ଫଳରେ ବାଳାଶ୍ରମର ଅନ୍ତେବାସୀ ଓ କର୍ମଚାରୀମାନେ ଅସୁବିଧା ଭୋଗୁଛନ୍ତି । ଜିଲ୍ଲାପାଳ ଓ ସି.ଏମ୍.ସି. କମିଶନର ବିଭିନ୍ନ ସମୟରେ ବାଳାଶ୍ରମ ସ୍ଥିତି ଅନୁଧ୍ୟାନ କରିଥିଲେ ବି ପଦକ୍ଷେପ ନିଆଯାଇନାହିଁ । ପାଚେରି ନିର୍ମାଣ ଖର୍ଚ୍ଚ ଆକଳନ କରିବା ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ଚିଠି ଲେଖିଥିଲେ । ଶୀଘ୍ର କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ । ବାଳାଶ୍ରମର ଅନ୍ତେବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।


# ସୂଚନା ମନ୍ତ୍ରୀଙ୍କୁ ଭୁବନେଶ୍ୱର ସାମ୍ବାଦିକଙ୍କ ଦାବି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସରକାରଙ୍କ ପ୍ରାୟ ସମସ୍ତ ବିଭାଗରେ ପ୍ରତି ସପ୍ତାହରେ ଅଭିଯୋଗ ଶୁଣାଣୀ କରାଯାଉଛି। ଯାହାଫଳରେ ନିରୀହ ଜନସାଧାରଣ ଓ ଗରିବ ଗୁରୁବାମାନଙ୍କର ବହୁ ସମସ୍ୟାର ଆଶୁ ସମାଧାନ ହୋଇପାରୁଛି। କିନ୍ତୁ ପରିତାପର ବିଷୟ ଯେ, ସୂଚନା ଓ ଲୋକସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଭିଯୋଗ ଶୁଣାଣୀ କରାଯାଉନାହିଁ। ଯାହାଫଳରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ସହ ଜଡ଼ିତ ବହୁ ସମସ୍ୟା ବର୍ଷ ବର୍ଷ ଧରି ସମାଧାନ ହୋଇନପାରି ପଡ଼ିରହୁଛି। ଏଭଳି ସ୍ଥିତିରେ ମାସକୁ ଅନ୍ୟୂନ୍ୟ ଗୋଟିଏ ଦିନ ଅଭିଯୋଗ ଶୁଣାଣୀ ସୂଚନା ଓ ଲୋକସମ୍ପର୍କ ଭବନ ନିର୍ଦ୍ଦେଶାଳୟରେ କରାଗଲେ ସାମ୍ବାଦିକ ଓ ସମ୍ବାଦପତ୍ର କ୍ଷେତ୍ର ସହ ଜଡ଼ିତ ବହୁ ସମସ୍ୟା ଦୂରୀଭୂତ ହୋଇପାରିବ। ଏନେଇ ସାମ୍ବାଦିକମାନେ ନବନିଯୁକ୍ତ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ଏନେଇ ପଦକ୍ଷେପ ନେବେବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।



ରାଜ୍ୟ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ତଥା ସୂଚ଼ନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ଅମାତ ନୂତନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଲୋକସେବା ଭବନସ୍ଥିତ ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ (ପ୍ରେସ୍ ଲାଉଞ୍ଜ)ଠାରେ ବରିଷ୍ଠ ତଥା ଅଧିସ୍ୱୀକୃତ ସାମ୍ବାଦିକମାନେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଗଣମାଧମ ପ୍ରତିନିଧିମାନେ ମନ୍ତ୍ରୀ ଶ୍ରୀ ଅମାତଙ୍କୁ ଜଣେ ସରଳ, ଅମାୟିକ, ଦରଦୀ, ଅଭିଜ୍ଞ ତଥା ଲୋକପ୍ରିୟ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିବା ସହିତ ସେ ପୂର୍ବରୁ ଓଡିଶା ବିଧାନସଭାର ବାଚ଼ସ୍ପତି ଓ ବିଭିନ୍ନ ବିଭାଗରେ ମନ୍ତ୍ରୀ ରୂପେ ସୁଚ଼ାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବା ପ୍ରକାଶ କରିଥିଲେ। ଆଲୋଚ଼ନା ସମୟରେ ଅଧିସ୍ୱୀକୃତି ପାଇଁ ଆବେଦନ କରି ଦୀର୍ଘଦିନ ପଡ଼ି ରହିଥିବା ସାମ୍ବାଦିକମାନଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଲାଗି ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ଅମାତ ପୂର୍ବରୁ ସାମ୍ବାଦିକମାନଙ୍କ ସହିତ ସୁସମ୍ପର୍କ ରଖି ଆସିଛନ୍ତି। ତେଣୁ ଆଗାମୀ ଦିନରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀ ସହୃଦୟତା ପ୍ରକାଶ କରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ । ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ, ଗଣତନ୍ତ୍ରର ଚ଼ତୁର୍ଥ ସ୍ତମ୍ଭ ହୋଇଥିବାରୁ ଗଣମାଧମର ପ୍ରତିନିଧିମାନଙ୍କର ସୁଚ଼ିନ୍ତିତ ମତାମତକୁ ସେ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଆଗାମୀ ଦିନରେ ସମସ୍ତଙ୍କ ସହିତ ଆଲୋଚ଼ନା ଓ ପର୍ଯ୍ୟାଲୋଚ଼ନା କରି ସେମାନଙ୍କର ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସମସ୍ତ ଗଣମାଧମର ସହଯୋଗ କାମନା କରିଥିଲେ।

ଆଲୋଚନା ସମୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ଼ିବ ଶ୍ରୀ ପ୍ରଦୀପ କୁମାର ରାଉତ, ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର, ବିମଳ ଭଞ୍ଜଦେଓ, ବୈଷ୍ଣବ ଚ଼ରଣ ଜେନା, ବିଜୟ କୁମାର ପଣ୍ଡା, ଦେବକାନ୍ତ ମହାପାତ୍ର, ଗିରିଧାରୀଲାଲ ଷଡଙ୍ଗୀ, ସଞ୍ଜୟ କୁମାର ପ୍ରଧାନ, ଅଭିନାଶ ମିଶ୍ର, କିଶୋର ମଙ୍ଗରାଜ, ଭାଗବତ ତ୍ରିପାଠୀ, ରମେଶ ମହାନ୍ତି, ପାର୍ଥ ସାରଥୀ ଜେନା, ପ୍ରକାଶ ମହାପାତ୍ର, ସୁକାନ୍ତ ମହାପାତ୍ର ଓ ବଳରାମ ନନ୍ଦଙ୍କ ସମେତ ଭୁବନେଶ୍ୱର ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ, ସୂଚ଼ନା ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



## ରାଇମୋହନଙ୍କୁ ମାରି ଟାଙ୍ଗି ଦିଆଯାଇଛି-ରାଣୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିଜ ଅଭିନୟରେ ମନ ମୋହୁଥିବା ଆକ୍ଟର ରାଇମୋହନ ପରିଡା ଆଉ ଜଗତରେ ନାହାଁନ୍ତି । ଏହି ଖବରକୁ ଲୋମାନେ ଅତି ସହଜରେ ଗ୍ରହଣ କରିପାରୁନାହାଁନ୍ତି । ପ୍ରାଚୀ ବିହାର ଘରୁ ରାଇମୋହନଙ୍କ ଝୁଲନ୍ତା ମୃତଦେହ ଗତକାଲି ଉଦ୍ଧାର ହୋଇଥିଲା । ଶେଷ ଦର୍ଶନ ପରେ ସ୍ୱର୍ଗଦ୍ୱାରରେ ପଞ୍ଚଭୂତରେ ଲୀନ ହୋଇଛି ରାଇମୋହନଙ୍କ ପାର୍ଥୀବ ଶରୀର । ଅନେକ ଅଭିନେତା ଓ ଅଭିନେତ୍ରୀ ଏହି ଘଟଣାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଥିବା ଦେଖିବାକୁ ମିଳିଛି ।

ଏହାରି ଭିତରେ ରାଇମୋହନଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଅଭିନେତ୍ରୀ ରାଣୀ ସାହୁ । ଝୁଲନ୍ତା ଅବସ୍ଥାରେ ରାଇମୋହନଙ୍କ ପାଦ ତଳେ ଲାଗିଥିଲା, ତାଙ୍କୁ କିଏ ମାରି ଟାଙ୍ଗି ଦେଇଛି ବୋଲି ଅଭିନେତ୍ରୀ କହିଛନ୍ତି ।

ରାଣୀ କହିଛନ୍ତି ଯେ, 'ରାଇମୋହନଙ୍କ ମୃତ୍ୟୁ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଜଣଙ୍କ ପରେ ଜଣେ ସିନିୟର କଳାକାର ଆମକୁ ଛାଡି ଚାଲିଯାଉଛନ୍ତି । ଏହି କ୍ଷତି କେତେ ପୂରଣ ହୋଇପାରିବ ନାହିଁ । ସେ ବହୁତ ଭଲ ମଣିଷ ସହ ହସକୁରା ଲୋକ ଥିଲେ । ସେ କେବେ ବି ଆତ୍ମହତ୍ୟା ଭଳି ବାଟ ବାଛିଥିବେ ବୋଲିବିଶ୍ୱାସ ହେଉନାହିଁ । ଭାଇରାଲ ହେଉଥିବା ଫଟୋରେ ରାଇମୋହନ ପାଦ ତଳେ ଲାଗିଛି, ଯାହାକୁ ଦେଖିଲେ ଲାଗୁଛି କି କିଏ ତାଙ୍କୁ ମାରି ଟଙ୍ଗାଇ ଦେଇଛି । ଏହାର ସିବିଆଇ ତଦନ୍ତ କରାଯାଉ ।'

## ଦୁଇ ଝିଅ , ପତ୍ନୀ ଜ୍ୱାଇଁ ଓ ପୁତୁରାଙ୍କୁ ପଚରାଉଚରା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭେଟ୍‌ରାନ୍ ଅଭିନେତା ରାଇମୋହନ ପରିଡା କାହିଁକି କଲେ ଆତ୍ମହତ୍ୟା ? ଏହା ଉପରୁ ପର୍ଦ୍ଦା ହଟୁନଥିବା ବେଳେ ନାନା କଳ୍ପନା ଜଳ୍ପନା ଲାଗି ରହିଛି । ତେବେ ଏହିରି ଭିତରେ ଆଜି କମିଶନରେଟ୍ ପୁଲିସର ୪ଜଣିଆ ଟିମ୍ ମୃତ ରାଇମୋହନଙ୍କ ପ୍ରାଚୀ ବିହାର ସ୍ଥିତ ଘରେ ପହଚିଛି । ରାଇମୋହନଙ୍କ ଦୁଇ ଝିଅ ଓ ପତ୍ନୀ ଜ୍ୱାଇଁ ଏବଂ ପୁତୁରାଙ୍କୁ ଦୁଇ ଝିଅ ଓ ପତ୍ନୀ ଜ୍ୱାଇଁ ଏବଂ ପୁତୁରାଙ୍କୁ ପଚରାଉଚରା କରିଛି ପୁଲିସ୍ ଆତ୍ମହତ୍ୟା କଲେ କି ରାଇମୋହନ ? ଏଭଳି ଅନକେ ପ୍ରଶ୍ନ ପୁଲିସ ପଚାରିଥିବା ଚର୍ଚ୍ଚା ହେଉଛି । ଶୁକ୍ରବାର ରାଇମୋହନଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ମିଳିଥିବାର ସେ ଆତ୍ମହତ୍ୟା କରିଥିବା ଆଲେଚନା ହେଉଛି ଓଲିଉଡ୍ ଜଲିଉଡ୍ ଡ୍ରାମାରେ ସକ୍ରିୟ ଥିବା ଜଣେ ବରିଷ୍ଠ କଳାକାର କାହିଁକି ଆତ୍ମହତ୍ୟା କରିବ ? ରାଇମୋହନଙ୍କ ମୃତ୍ୟୁ ପରେ ଏପରି କଳ୍ପନାଜଳ୍ପନା ଲାଗି ରହିଛି ।



## ଏ ବର୍ଷ ଶକ୍ତିଶାଳୀ ବାତ୍ୟା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚଳିତ ବର୍ଷ ବିଶ୍ୱରେ କେତେକ ସ୍ଥାନରେ ବାତ୍ୟାର ସଂଖ୍ୟା ଅଧିକ ହେବା ସହିତ ଅଧିକ ଶକ୍ତିଶାଳୀ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । ଫଳତଃ ଏହା କୃଷିକ୍ଷେତ୍ରକୁ ଅଧିକ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଥିବା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳ କହିଛନ୍ତି ।

ସେ କହିଛନ୍ତି, ଚଳିତ ବର୍ଷ ମେ' ମାସଟି ବିଶ୍ୱସ୍ତରରେ ରେକର୍ଡ ୧୦ଟି ଉଷ୍ମ ମେ' ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ବିବେଚନା କରିଛି । ଆମେରିକାର ପ୍ରମୁଖ ପାଣିପାଗ ବିଭାଗ ସଂସ୍ଥା ଏନ୍‌ଡିଏଏ ଅନୁଯାୟୀ, ଗତ ମେ ମାସରେ ତାପମାତ୍ରା ବିଂଶ ଶତାବ୍ଦୀର ସ୍ୱାଭାବିକ ତାପମାତ୍ରା ୧୪.୮ ଡିଗ୍ରୀ ସେଲ୍‌ସିୟସ୍‌ଠାରୁ ୦.୭୭ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା । ଚଳିତ ବର୍ଷ ମେ' ମାସରେ ଭାରତ ଓ ପାକିସ୍ତାନରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହିତ ୟୁରୋପ, ଆମେରିକା ଏବଂ କାନାଡାରେ ମଧ୍ୟ ରେକର୍ଡ ଭାଙ୍ଗିଛି ।



ଉଷ୍ମ ପାଣିପାଗ ହେତୁ ଅତ୍ୟଧିକ ଗରମ ସହିତ ପ୍ରବଳ ଶୀତ ଓ ବର୍ଷା ହୋଇଥାଏ । ପାଣିପାଗର ଦ୍ରୁତ ପରିବର୍ତ୍ତନ ହେଉଛି । ଚଳୀତ ବର୍ଷରେ ଶୀତ ପ୍ରଧାନ କାନାଡାର ପାଣିପାଗ ଏହାର ଏକ ଉଦାହରଣ । ଗତ ଦୁଇଦିନ ହେଲା କାନାଡାର ଟରଣ୍ଟୋରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଗତକାଲି ଯଦିବା ତାପମାତ୍ରା ୩୫ଡିଗ୍ରୀ ରହିଥିଲା ତେବେ ବାୟୁରେ ଅଧିକ ଆର୍ଦ୍ରତା ଯୋଗୁଁ ଏହା ୪୦ ଡିଗ୍ରୀ ସମାନ ଥିଲା । ମେ' ମାସର ପ୍ରଥମ ସପ୍ତାହରେ ସର୍ବାଧିକ ତାପମାତ୍ରା ୧୪ ଡିଗ୍ରୀ ରହିଥିଲା । ଅନ୍ୟପକ୍ଷରେ ଗ୍ରୀଷ୍ମ ମଣ୍ଡଳୀୟ ପ୍ରଶାନ୍ତ ମହାସାନଗରରେ ତାପମାତ୍ରା ସ୍ୱାଭାବିକଠାରୁ କମ ରହିଛି । ଏହାକୁ ଲା-ନିନା କୁହାଯାଏ । ଏହାର ପ୍ରଭାବରେ ଦକ୍ଷିଣ ଆମେରିକାରୁ ଉତ୍ତର ଭାରତ ମହାସାଗର ଦେଇ ଦକ୍ଷିଣ-ପୂର୍ବ ଏସିଆକୁ ପ୍ରବଳ ପଶ୍ଚିମା ପବନ ବହୁଛି ।

ଆଇଓଡି ଗୁଣାତ୍ମକ ବିଯୁକ୍ତାତ୍ମକ ହେବାରେ ଲାଗିଛି । ପବନ ପ୍ରବାହର ପରିବର୍ତ୍ତନ ଯୋଗୁଁ ଚଳିତ ବର୍ଷ ଜୁନ ମାସରେ ମୌସୁମୀ ବାୟୁ ପ୍ରବାହରେ ଅନିୟମିତତା ଦେଖାଯାଇଛି । ୨୦୨୦ ସେପ୍ଟେମ୍ବରରେ ଲା-ନିନା ଆରମ୍ଭ ହୋଇ ଦ୍ୱିତୀୟ ବର୍ଷ ପାଇଁ ଏହା ଚାଲୁ ରହିଛି । ଚଳିତ ବର୍ଷ ଜାନୁଆରୀରେ ଏହା କିଛି ଦୁର୍ବଳ ହୋଇଥିଲା । ଏପ୍ରିଲ ମାସରୁ ଏହା ପୁଣି ଶକ୍ତି ଗୋଟାଇଛି । ବିଶ୍ୱ ପାଣିପାଗ ସଂସ୍ଥା ତଥ୍ୟାନୁଯାୟୀ, ଆସନ୍ତା ବର୍ଷ ମଧ ଲା-ନିନା ରହିବାର ସମ୍ଭାବନା ରହିଛି । ଯଦି ଏହା ହୁଏ ତେବେ ବିଗତ ୭୨ ବର୍ଷରେ ରେକର୍ଡ ଭାଙ୍ଗିବ । ସମୁଦ୍ର ତାପମାତ୍ରା କମ ହେତୁ ଏହା ବାୟୁମଣ୍ଡଳରୁ ଅଧିକ ଉତ୍ତାପ ଶୋଷଣ କରୁଛି ।

## ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ ଗୁଣନିଧି ଫେରିବେ ନା ପୋଲିସ୍ ସୁଧୁରିବ କି ?

**କଟକ(ସଂପର୍କବାର୍ତ୍ତା):-** ଜମିବାଡି ବିବାଦ ନେଇ ଥାନାକୁ ଦୌଡି ନିରାଶ ହେବା ପରେ ଗତକାଲି କଟକ ଜିଲ୍ଲା କିଶନନଗର ଥାନା ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇଦେଇଥିଲେ ଗୁଣନିଧି ବିଶୋୟୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ୍‌ଠାରୁ ନ୍ୟାୟ ପାଇ ଗୁଣନିଧି ଏପରି ଚରମ ପଦକ୍ଷେପ ଉଠାଇଥିବା ବେଳେ ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି କଟକ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳକିଶୋର । ଏଥିସହ କିଶନନଗର ଆଇଆଇସି ସସ୍ମିତା ରଣାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଡିଜିପିଙ୍କୁ ସୁପାରିସ୍ କରିଥିବା କହିଛନ୍ତି ।

ଥାନାକୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପାଇଁ ପୋଲିସ୍ ବିଭାଗକୁ ୫-ଟି ସେବା ଅନ୍ତର୍ଭୁକ୍ତ କରାଯାଇଛି । ଏହାସତ୍ତ୍ୱେ ଗୁଣନିଧି ବାରମ୍ବାର ଥାନାକୁ ଦୌଡି ନିରାଶ ହୋଇ ଏପରି ଚରମ ପଦକ୍ଷେପ ଉଠାଇଥିବାର କିସନନଗର ଥାନା ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ ।

ଏହି ଘଟଣା ପରେ କିଶନନଗର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଗତକାଲି ସେଠାରେ ତୁରନ୍ତ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ଏଥିସହ କଟକ ଡିଏସ୍‌ପି, ସାଲେପୁର ଏସ୍‌ଡିପିଓ, ସାଲେପୁର, ନେମାଳ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ, ସ୍ପେଶାଲ ବ୍ରାଞ୍ଚ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ । ଏହି ଘଟଣା ପରେ ଗୁଣନିଧିଙ୍କ ପୁତୁରା ସାଗର ବିଶୋୟୀଙ୍କୁ ପୋଲିସ୍ ଗିରଫ କରି ନେଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ଗୁଣନିଧିଙ୍କର ନିଜ ପୁତୁରା ସାଗର ବିଶୋୟୀଙ୍କ ସହ ଜମିବାଡି ବିବାଦକୁ ନେଇ ଥାନାରେ ଗତ ୧୯ ତାରିଖରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ବାରମ୍ବାର ଥାନାକୁ ଯାଇଥିବା ବେଳେ ଥାନା କର୍ମଚାରୀଙ୍କ ନିକଟରୁ କୌଣସି ସହଯୋଗ ପାଇ ନ ଥିଲେ । ଏହାପରେ ବାହାରକୁ ଆସି ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି ।

## ବସ୍‌କୁ ଅଟକାଇଲେ ମନ୍ତ୍ରୀ

**କେନ୍ଦୁଝର(ସଂପର୍କବାର୍ତ୍ତା):-** କେନ୍ଦୁଝର ଜିଲ୍ଲାରେ ଗଣଶିକ୍ଷାମନ୍ତ୍ରୀ ଦାଶ କେନ୍ଦୁଝର ଆସୁଥିବା ସମୟରେ ଆନନ୍ଦପୁର ଅଂଚଳରେ ଥିବା ବେସରକାରୀ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ୨ଟି ବସ୍ କ୍ଷମତା ଠାରୁ ଅଧିକ ଛାତ୍ରଛାତ୍ରୀ ନେଇ ଯାଉଥିବା ବେଳେ ବସ ୨ଟିକୁ ଅଟକାଇ ଥିଲେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଅଟକ ରଖିବା ପରେ ବସ୍ ନିକଟକୁ ଯାଇ ଅଧିକ ଛାତ୍ରଛାତ୍ରୀଥିବା ଦେଖି ନିକଟସ୍ଥ ପୋଲିସ୍ ଷ୍ଟେସନକୁ ଖବର ଦେବା ପରେ ଘସିପୁର ।ଦୁଇଟି ଯାକ




ବସର କାଗଜପତ୍ର ଯାଂଚ ଚାଲିଛି । ପୂର୍ବରୁ ଅନେକ ଥର ଏହି ବିଦ୍ୟାଳୟରେ ବସ ବିଷୟରେ ଅଭିଯୋଗ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିଲେ ତେଣୁ ମନ୍ତ୍ରୀଙ୍କ ଏତାଦୃଶ କାମକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଉଛି ।

## କାଠଯୋଡି ବାଲିମାଫିଆଙ୍କୁ ପ୍ରଶାସନର ଅନୁକମ୍ପା

**କଟକ(ସଂପର୍କବାର୍ତ୍ତା):-** ସିଡିଏ ସଂଲଗ୍ନ କାଠଯୋଡି ନଦୀରେ ଦୁଇଟି ବାଲିଘାଟ ରହିଛି । ଗୋଟିଏ ସେକ୍ଟର ୭ ଅଂଚଳରେ ଥିବା ବେଳେ ଅନ୍ୟଟି ସେକ୍ଟର ୧୧ ଓ ୧୨ ମଧ୍ୟରେ ରହିଛି । ଏହି ଦୁଇଟି ବାଲିଘାଟରୁ ଦୈନିକ ଶହଶହ ସଂଖ୍ୟାରେ ଗାଡି ବାଲି ବୋଝେଇ କରି ଚାଲାଣ କରୁଥିବା ବେଳେ ନିୟମ ଅନୁଯାୟୀ ଗାଡି ଉପରେ ପାଲ ନଟାଣି ବାଲି ପରିବହନ ହେଉଥିବାରୁ ବାଲି ଉଡି ରାସ୍ତାରେ ଗଦା ହେଉଛି । ବାଲି ଉଡୁଥିବାରୁ ଗୋଟିଏ ପଟେ ସ୍ଥାନୀୟ ଲୋକ ସମସ୍ୟାରେ ପଡୁଥିବା ବେଳେ ଅନ୍ୟପଟେ ରାସ୍ତାରେ ବି ବାରମ୍ବାର ଛୋଟ ବଡ ଦୁର୍ଘଟଣା ଘଟୁଛି । ସେକ୍ଟର ୧୩ ବାସିନ୍ଦା ତଥା ହାଇକୋର୍ଟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଗୀତାଞ୍ଜଳି ମୁଖୀ କହିଛନ୍ତି ଯେ ଅଫିସ ସମୟରେ ବାଲି ଟ୍ରକ୍ ଯିବା ବନ୍ଦ କରାଯାଉ । ସକାଳ ବେଳା ପିଲାମାନେ ସ୍କୁଲ କଲେଜ ଯାଉଛନ୍ତି । ସେମାନଙ୍କ ଜୀବନ ପ୍ରତି ବିପଦ ରହୁଛି । ସେହିପରି ସେକ୍ଟର ୧୦ ବାସିନ୍ଦା କମ୍ପାନି ପରିଚାଳକ ପ୍ରିୟରଂଜନ ସାମନ୍ତରାୟ କହିଛନ୍ତି ଯେ ଦିନ ବେଳା ବାଲି ଟ୍ରକ ବାରଣ କରିବା ସହ ରାସ୍ତା ନିୟମିତ ସଫେଇ କରିବା ଦିଗରେ ପଦକ୍ଷେପ ନିଆଯାଉ ।

## ଗଣ୍ଡରପୁର ସ୍କୁଲ୍ ପିଲାଙ୍କ ପାଇଁ ଜାଇକା ଖୋଳିଛି ଗାତ !

**କଟକ(ସଂପର୍କବାର୍ତ୍ତା):-** ମହାନଗର ନିଗମର ୪୬ ନଂ. ଓ୍ୱାର୍ଡରେ ଥା ଗଣ୍ଡରପୁର ଡିଏଭି ସ୍କୁଲ ରାସ୍ତା ଏବେ ମରଣାଯନ୍ତା ପାଲଟିଛି । ସ୍କୁଲରୁ ଗଣ୍ଡପୁର ତଥା ଜାତୀୟ ରାଜପଥ ଆଡକୁ ଯିବାକୁ ଥିବା ରାସ୍ତା ଏବେ ସଂପୂର୍ଣ୍ଣଭାବେ ଜାଇକା କବ୍‌ଜାରେରହିଛି । ଗଲା ପ୍ରାୟ ଚାରି ବର୍ଷ ହେବ ସେହି ରାସ୍ତାରେ ଜାଇକା କାମ କରୁଥିବା ବେଳେ ଏବେ କିଛି ମାସ ହେଲାଣି ରାସ୍ତାକୁ ସଂପୂର୍ଣ୍ଣ ବନ୍ଦ କରି ରଖିଛି । ଶିଖରପୁର, ଗଣ୍ଡପୁର, ମହାନଦୀବିହାର, କଲେଜଛକ, ରାଣୀହାଟ, ମଙ୍ଗଳାବାଗ ପଟରୁ ଆସୁଥିବା ଛାତ୍ରଛାତ୍ରୀ ଏହି ରାସ୍ତା ଉପରେ ଯାତାୟତ ପାଇ ନିର୍ଭର କରୁଥିବା ବେଳେ ଏବେ ଏହାର ଗୋଟିଏ ପଟ ଅଂଶକୁ ଖୋଳିଦିଆଯାଇଛି । ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ଜାଇକା ରାସ୍ତା ଖୋଳି ଦେଇଥିବା ଯୋଗୁଁ ଅଳ୍ପ ବର୍ଷାରେ ବି ଅଂଚଳରେ ପାଣି ଜମି ଯାଉଛି । ସ୍କୁଲ ନିକଟରେ ଥିବା ଏକ ପଡିଆରେ ଜାଇକା କର୍ତ୍ତୃପକ୍ଷ ଅତି ବିପଦସଂକୁଳ ଅବସ୍ଥାରେ ବଡ ବଡ ଲୁହା ରାଡ୍, ଭଙ୍ଗା ଟିଣ, ଭଙ୍ଗା ରଡ ଭଳି ଆବର୍ଜନା ଜମା କରିଥି ବେଳେ ତାହା ଏବେ ବିପଦସଂକୁଳ ସ୍ଥିତି ସୃଷ୍ଟି କରିଛି । ଏହାକୁ ନେଇ ଅଂଚଳରେ ଅସନ୍ତୋଷ ବଢୁଥିବା ବେଳେ ତୁରନ୍ତ କଟକ ମହାନଗର ନିଗମ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଭୁବନେଶ୍ୱର ସାଲିଆସାହିରେ ମାର୍‌ପିଟ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ତେଲ ପକାଇବାକୁ କେନ୍ଦ୍ର କରି ଶନିବାର ଦିନ ସାଲିଆସାହିରେ ଥିବା ଏକ ପେଟ୍ରୋଲ ଟାଙ୍କିରେ ଭୀଷଣ ଗଣ୍ଡଗୋଳ ଘଟିଛି । ଦୁଇ ପକ୍ଷର ସଂଘର୍ଷରେ ଏକାଧିକ ଆହତ ହୋଇଛନ୍ତି । ଏହି ଘଟଣାରେ ନୂଆପଲ୍ଲୀ ଥାନା ପୁଲିସ୍ ଉଭୟ ପକ୍ଷର ମୋଟ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ମିଳିଥିବା ସୂଚନାଯାୟୀ , ଶନବାର ବିଳମ୍ବିତ ରାତିରେ ସାଲିଆସହିର ଜଣେ ଯୁବକ ଉକ୍ତ ଟାଙ୍କିକୁ ତେଲ ପକାଇବାକୁ ଆସିଥିଲା କିନ୍ତୁ ଟାଙ୍କି ବନ୍ଦ ହୋଇଗଲାଣି ଆଉ ତେଲ ମିଳିବ ନାହିଁ ବୋଲି ଜଣେ କର୍ମଚାରୀ ତାଙ୍କୁ କହିଥିଲେ ।




ଏହାକୁ କେନ୍ଦ୍ର କରି ଦୁହିଁଙ୍କ ଭିତରେ ବଚସା ହୋଇଥିଲା ଫଳରେ ଟାଙ୍କିରେ ଥିବା ସିକ୍ୟୁରିଟି ଗାର୍ଡ ଉକ୍ତ ଯୁବକକୁ ମାଡ ମାରିଥିଲେ । ଏହାର କିଛି ସମୟ ପରେ ୧୦ରୁ ୧୫ ସହ ଯୋଗୀ ଙ୍କ ସହ ମାଡ ଖାଇଥିବା ଯୁବକ ଟାଙ୍କିକୁ ଆସି କର୍ମଚାରୀଙ୍କୁ ମାଡ ମାରିଥିଲା ଖବର ପୁଲିସ୍ ଉଭୟ ପକ୍ଷର ମୋଟ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

## ମୁଁ ବିଜେଡିରେ ଅଛି !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁଣି ମୁହଁ ଖୋଲିଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ କହିଲେ ଏବେ ବି ତାଙ୍କ ନାଁ ବିଜେଡିରେ ରହିଛି ମୁଖ୍ୟମନ୍ତ୍ରୀ ଯଦି ତାଙ୍କୁ ଭଲ ପାଉ ନଥାନ୍ତେ ତେବେ ସେ ଲିଖିତ ଭାବେ ବିଧାନସଭାକୁ ଜଣାଇଥାନ୍ତେ । ଆଉ ତାଲିକାରୁ ତାଙ୍କ ନାଁ ନିଶ୍ଚିତ କଟିଥାନ୍ତା କିନ୍ତୁ ଗତ ଏପ୍ରିଲି ୨ତାରିଖ ବିଧାନସଭା ଓେବସାଇଟ ଅପଡେଟ ହୋଇଛି । ହେଲେ ଏହାବାଦି ବି ତାଙ୍କ ନାଁ ବିଜେଡିରେ ରହିଛି । କେବଳ ମିଡିଆରେ ତାଙ୍କ ବହିଷ୍କାର କରାଯାଇଛି ବୋଲି କୁହାଯାଇଥିବା କହିଛନ୍ତି ।



ଅନ୍ୟପଟେ ପୁଣି ଥରେ ଅସନ୍ତୋଷ ଝାଡିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣୀଗ୍ରାହୀ ସେ କହିଛନ୍ତି, ମୋତେ ଜିଲ୍ଲା କିମ୍ବା ନିର୍ବାଚନ ମଣ୍ଡଳୀରେ କୌଣସି ବୈଠକକୁ ଡକାଯାଉନି ନିୟମ ଅନୁସାରେ ଲୋକ ପ୍ରତିନଧିଙ୍କ ଜଣାଇବା କଥା କିନ୍ତୁ ତାଙ୍କ ଜଣାଉନାହାନ୍ତି ।

## ମନ୍ତ୍ରୀଙ୍କ ସହ ସଚିବଙ୍କ ସୌଜନ୍ୟ ସାକ୍ଷାତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବରିଷ୍ଠ ପ୍ରଶାସକ ସଂଜୟ କୁମାର ସିଂ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲା ପରେ ଆଜି ପୂର୍ବାହ୍ନରେ ବିଭାଗୀୟ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କୁ ସଚିବାଳୟସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟ ସାକ୍ଷାତ କରିଛନ୍ତି । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ଉପସ୍ଥିତିରେ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସହିତ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ



ଉପସ୍ଥିତିରେ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସହିତ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ବିଭାଗ ପକ୍ଷରୁ ପୁରୀରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ସଚିବ ଶ୍ରୀ ସିଂ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ସମୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାରା ବିଶ୍ୱର ଅଗଣିତ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଖକୁ ସିଧା ପ୍ରସାରଣ ମାଧ୍ୟମରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଘୋଷଯାତ୍ରାକୁ ପହଞ୍ଚାଇବାର ସୁବନ୍ଦୋବସ୍ତ କରିବାକୁ ମନ୍ତ୍ରୀ ଶ୍ରୀ ଅମାତ ପରାମର୍ଶ ଦେଇଛନ୍ତି ।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera